# ଯାଦୁ ମୁଦ୍ରିକା ଓ ଗୋଷ୍ଠ ଲୋକକଥା



OR
398.270935413
M 687 J

ମହେନ୍ଦ୍ର ମିଶ୍ର

ଶିକ୍ଷାସନ୍ଧାନ
ଭୁବନେଶ୍ୱର

INDIAN INSTITUTE
OF
ADVANCED STUDY
LIBRARY SHIMLA

# ଯାଦୁ ମୁଦ୍ରିକା
# ଓ ଗୋଣ୍ଡ ଲୋକକଥା

ମହେନ୍ଦ୍ର ମିଶ୍ର

ଶିକ୍ଷାସନ୍ଧାନ
ଏ-୧୨, ହାଉସିଂ ବୋର୍ଡ଼ କଲୋନୀ
ବରମୁଣ୍ଡା, ଭୁବନେଶ୍ୱର - ୭୫୧ ୦୦୩

# ଯାଦୁ ମୁଦ୍ରିକା ଓ ଗୋଣ୍ଡ ଲୋକକଥା

Library IIAS, Shimla
OR 398.270935413 M 687 J
148984

Indian Institute of Advanced Study
Acc. No. 148984
Date 28.10.17

OR
398.270935413
M 687 J

ଅନୁବାଦ :
ମହେନ୍ଦ୍ର ମିଶ୍ର

ପ୍ରକାଶନ କାଳ : ୨୦୦୫

ପ୍ରଚ୍ଛଦ ଓ ଅଳଙ୍କରଣ :
ରମେଶ ଗୁମାନ ସିଂହ

ପ୍ରକାଶକ :
**ଶିକ୍ଷାସନ୍ଧାନ**
ଏ-୧୨, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ
ବରମୁଣ୍ଡା, ଭୁବନେଶ୍ୱର - ୭୫୧ ୦୦୩
ଫୋନ୍/ ଫ୍ୟାକ୍ସ : ୦୬୭୪-୨୫୫୬୧୦୯, ୨୫୫୦୬୫୬

ମୁଦ୍ରଣ :
**ଶିକ୍ଷା ପ୍ରକାଶନୀ**
ରୋଡ୍-୧, ୨୬୬, ଜଗନ୍ନାଥ ବିହାର
ବରମୁଣ୍ଡା, ଭୁବନେଶ୍ୱର

ମୂଲ୍ୟ : ଟ୪୦/-

**Jadu Mudrika O' Gonda Lokakatha**

***Translated by :***
Mahendra Mishra

***Year of Publication :*** **2005**

***Illustration :*** Ramesh Gumansingh

***Publisher :***
**Sikshasandhan**
A/12, (HIG), Housing Board Colony
Baramunda, Bhubaneswar - 751 003
Phone/Fax : (0674) 2556109, 2550656

***Printed at :***
**Siksha Prakashani**
Road-1, 266 Jagannath Vihar
Baramunda, Bhubaneswar - 751 003
Phone : (0674) 2552024

**Price : Rs.40/-**

# ସୂଚନା

ଗୋଣ୍ଡ ଲୋକକଥାଗୁଡ଼ିକ ଷ୍ଟିଫେନ୍ ଫକ୍ସ୍‌ଙ୍କ "The Tales of Gondawa" ପୁସ୍ତକର ଓଡ଼ିଆ ଅନୁବାଦ। ଏହା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଅଞ୍ଚଳର ଗୋଣ୍ଡମାନଙ୍କ ମୌଖିକ ପରଂପରାର ଅଂଶ ବିଶେଷ। ମଣିଷର ଜନ୍ମ ଓ ପର୍ଯ୍ୟାୟକ୍ରମେ ନିଆଁର ବ୍ୟବହାର, ମାଟିରେ କୃଷି ଉତ୍ପାଦନ ଓ ସମାଜ ଗଠନ - ଗୋଷ୍ଠୀ ଜୀବନ ବିତାଇବା ପୂର୍ବରୁ ଆଦିମ କାଳର ଯେଉଁ ଜୀବନ ସଂଘର୍ଷ-ଆବିଷ୍କାର ଓ ଉଦ୍‌ଭାବନ ମଣିଷ କରି ଆସିଛି, ତାର ପ୍ରତିଛବି ଗୋଣ୍ଡ ମିଥ୍ ବା ପୁରାଣ କାହାଣୀରେ ପ୍ରତିଫଳିତ।

ଏହା ଓଡ଼ିଶାରେ ଆଦିବାସୀ ସମାଜର ଚିନ୍ତା ଓ କଳ୍ପନାର ପ୍ରତିନିଧିତ୍ୱ କରେ। ଏହା କେବଳ ଏକ୍‌ଲା ପଢ଼ିବା ପାଇଁ ନୁହେଁ, ଏକାଠି ପଢ଼ିଲେ ସମସ୍ତେ ଆନନ୍ଦ ପାଇପାରିବେ। ପ୍ରକୃତି ସହିତ ମଣିଷ ଓ ଜୀବଜଗତର ସଂପର୍କ ଏହି କାହାଣୀମାନଙ୍କରେ ପରିଷ୍କାର।

ଏହି ପୁସ୍ତକଟିର ପ୍ରକାଶନର ଦାୟିତ୍ୱ 'ଶିକ୍ଷାସନ୍ଧାନ'ର ବନ୍ଧୁମାନେ ନେଇଥିବାରୁ ମୁଁ ମୋର ଆନ୍ତରିକତା ଜଣାଉଛି।

**ମହେନ୍ଦ୍ର ମିଶ୍ର**

# ପ୍ରକାଶକୀୟ

ଆଦିବାସୀ ଅଞ୍ଚଳରେ ଅନେକ ଲୋକକଥା ଏବେ ମଧ୍ୟ ଲୋକଙ୍କ ମୁଖରେ ରହିଛି । ପୂର୍ବରୁ ଏହା ବହୁଳଭାବରେ ଆଦିବାସୀ ଅଞ୍ଚଳ ମାନଙ୍କରେ ଶୁଣିବାକୁ ମିଳୁଥିଲା । ଆଧୁନିକ ବିକାଶ ପ୍ରକ୍ରିୟା ଚାଲୁ ରହିବା ସଙ୍ଗେ ଏସବୁ ପ୍ରଥା ମଧ୍ୟ ତା ସହିତ ବିଲୁପ୍ତ ହେବାରେ ଲାଗିଲା । ଆଦିବାସୀମାନଙ୍କ ଉପରେ ଆଧୁନୀକ ବିକାଶ ପ୍ରକ୍ରିୟା ଏକ ପ୍ରକାର ଲଦି ଦିଆଗଲା । ଆଦିବାସୀ ମାନଙ୍କର ଭାଷା, ଚଳଣୀ, ପରମ୍ପରା ଓ ସଂସ୍କୃତିରେ ଯାହା ଅଛି ସବୁଗୁଡ଼ିକ ବଜାର ସଂସ୍କୃତିଠାରୁ ନିମ୍ନତର ବୋଲି ସେମାନେ ଭାବିଲେ । ଫଳରେ ଆଦିବାସୀ ସଂସ୍କୃତି, ଚାଲିଚଳନରେ ଯାହା ଭଲଥିଲା, ସେସବୁ ବିଲୁପ୍ତ ହେବାରେ ଲାଗିଲା ।

ପୂର୍ବେ ଲୋକମାନେ କାହାଣୀ ଶୁଣୀ ସମାଜର ରୀତି, ନୀତି, ଆଚାର, ବ୍ୟବହାର ଆଦି ଶିଖୁଥିଲେ, ମଣିଷ ମଣିଷ ଭିତରେ ସମ୍ପର୍କ, ମଣିଷ ପଶୁପକ୍ଷୀ ମଧ୍ୟରେ ସମ୍ପର୍କ ଏବଂ ମଣିଷ ପରିବେଶ ମଧ୍ୟରେ ସମ୍ପର୍କକୁ ଜାଣୁଥିଲେ । ଏଣୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମାଧ୍ୟମରେ ଏକଜୀବନ ସେମାନେ ବଞ୍ଚି ପାରୁଥିଲେ । ତଥା କଥିତ ଶିକ୍ଷା ମାଧ୍ୟମରେ ଏହି ପରମ୍ପରା ବୁଡ଼ିବାକୁ ଯାଉଛି ।

ଶିକ୍ଷାସନ୍ଧାନ ଆଦିବାସୀ ପିଲାଙ୍କର ଶିକ୍ଷାର ଉନ୍ନତି କଳ୍ପେ ୧୯୯୫ ମସିହାଠାରୁ କାମ କରିଆସୁଛି । ଆଦିବାସୀ ପିଲାମାନେ ପାଠପଢ଼ି ଯେପରି ସେମାନଙ୍କର ଭାଷା, ସସ୍କୃତିକୁ ଭଲପାଇବେ, ସମାଜର ରୀତି, ନୀତିରେ ଥିବା ପ୍ରାସଙ୍ଗିକତାକୁ ସମାଲୋଚନାତ୍ମକ ଭାବରେ ଦେଖିବେ, ଏବଂ ତାର ଉନ୍ନତି କରିବାପାଇଁ ଚେଷ୍ଟା କରିବା ଦିଗରେ ଶିକ୍ଷାସନ୍ଧାନ ଏକ ଅବସର ଯୋଗାଇଦେବାକୁ ଚେଷ୍ଟା କରୁଛି । ଏହି ପ୍ରକ୍ରିୟାକୁ ସାହାଯ୍ୟ କରିବା ପାଇଁ ଆଦିବାସୀ ପିଲାଙ୍କ ନିମନ୍ତେ କେତୋଟି ଲୋକକଥାର ପୁସ୍ତକ ପ୍ରକାଶନ କରିବା ପାଇଁ ସ୍ଥିର କରିଛି । ଆଶା କରୁଛି ଅନ୍ୟ ପୁସ୍ତକ ଭଳି ଉକ୍ତ ପୁସ୍ତକ ପିଲାମାନଙ୍କ ଦ୍ୱାରା ଆଦୃତ ହେବ ।

ଅନୀଲ ପ୍ରଧାନ
ସଦସ୍ୟ ସମ୍ପାଦକ
ଶିକ୍ଷାସନ୍ଧାନ

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ପ୍ରଥମ ମଣିଷ ଓ ମାଟିର ସୃଷ୍ଟି | ୦୭ |
| ୨. | ନିଆଁ ଓ ଭୋକରୁ ମଣିଷର ମୁକ୍ତି | ୨୩ |
| ୩. | ଯାଦୁ ମୁଦ୍ରିକା | ୨୯ |
| ୪. | ମଣିଷ ଚାଷ କାମ କେମିତି ଆରମ୍ଭ କଲା | ୪୨ |

# ପ୍ରଥମ ମଣିଷ ଓ ମାଟିର ସୃଷ୍ଟି

ଏ ବିଶ୍ୱ ତିନି ଭାଗ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ । ବଡ଼ ଦେବତା ଯିଏ ଭଗବାନ, ସିଏ ସ୍ୱର୍ଗର ରଜା । ପୁରୁଣା ବୁଢ଼ା ନାଗ ପାତାଳର ରଜା । ମର୍ତ୍ତ୍ୟରେ ରଜା ହେଲେ ଭୂମିଆ ମାନଙ୍କର ପୂର୍ବପୁରୁଷ ନାଙ୍ଗା ବୈଗା ।

ପ୍ରଥମ ମଣିଷ ନାଙ୍ଗା ବୈଗାକୁ ସୃଷ୍ଟି କରିବା ପାଇଁ ବଡ଼ ଦେବତା ଭଗବାନ ବାର ବର୍ଷ ତପସ୍ୟା କରିଥିଲେ । ତପସ୍ୟା କଲାବେଳେ ସେ ଆଦୌ ଗାଧୋଇ ନଥିଲେ କି ପାଣି ବି ପିଇ ନଥିଲେ । ତେଣୁ ତାଙ୍କ ଦେହରେ ବହଳେ ମଳି ବସିଥିଲା । ତପସ୍ୟା ଶେଷ କଲା ପରେ ସେ ତାଙ୍କ ବାହୁ ଓ ଛାତିକୁ ଘଷି ମଳି ବାହାର କଲେ । ସେହି ମଳିକୁ ଏକାଠି କରି ଦୁଇ ହାତ ପାପୁଲି ଭିତରେ ମୁଠେଇ ଧରିଲେ । ସେଥିରେ ସେ ଦୁଇଟି ମଣିଷ ମୂର୍ତ୍ତି ଗଢ଼ି ନିଜ ସାଥିରେ ତାଙ୍କ ଘରକୁ ନେଲେ । "ଦିନେ ଏହା କାମରେ ଆସିବ" କହି ସେହି ମୂର୍ତ୍ତି ଦୁଇଟିକୁ ଗୋଟିଏ ଜାଗାରେ ପକାଇ ଦେଲେ ।

କିଛିଦିନ ପରେ, ଥରେ ବଡ଼ ଦେବତା ଦେଖିଲେ, ସେହି ମଣିଷ ମୂର୍ତ୍ତି ଦୁଇଟି ତାଙ୍କ ଘର ଚଟାଣରେ ପଡ଼ିଛନ୍ତି । ତାପରେ ସେ ତାଙ୍କ କାଣି ଆଙ୍ଗୁଠିକୁ କାଟି, ସେହି କ୍ଷତ ସ୍ଥାନରୁ ବାହାରି ଥିବା ରକ୍ତରେ ସେହି ମୂର୍ତ୍ତିକୁ ଭିଜେଇ ଦେଲେ । ତାପରେ ସେହି ଆଙ୍ଗୁଠିରୁ ନଖ କାଟିଲେ । ସେ ନଖରେ ଜୀବନୀ ଶକ୍ତି ପୂରି ରହିଥିଲା । ସେହି ଜୀବନୀଶକ୍ତିକୁ ପୁରୁଷ ମଣିଷ ମୂର୍ତ୍ତି ଭିତରକୁ ସେ ଫୁଙ୍କି ଦେଲେ ।

ତାପରେ ଭଗବାନ ତାକୁ ଉଠାଇବାକୁ ଚାହିଁଲେ । ତାକୁ ନିଜ ହାତରେ ହଲେଇ ଦେଇ କହିଲେ, "ଉଠ୍, ଉଠ୍ ।" ନାଙ୍ଗା ବୈଗା ଧୀରେ ଉଠି ବସିଲା ଏବଂ ଭଗବାନଙ୍କୁ ଆଖି ତରାଟି ଚାହିଁଲା । ଏବଂ କହିଲା, "ତୁମେ କଣ ଚାହଁ ? ମୋ ସ୍ତ୍ରୀ କେଉଁଠି ?"

ଭଗବାନ କହିଲେ, ସେ ଏଇଠି ପଡ଼ିଛି । ତାପରେ ପୁଣି କହିଲେ, "ତୁ ମୋତେ ପୂଜା କରିବୁ ? ମୋର ସେବା କରିବୁ ? ସବୁବେଳେ ମୋ ଆଦେଶ ମାନିବୁ ?"

ନାଙ୍ଗା ବୈଗା କହିଲା, "ହଁ ଭଗବାନ, ତୁମେ ମୋତେ ଯୁଆଡ଼େ ପଠେଇବ ମୁଁ ଯିବି ।"

ତାପରେ ନାଙ୍ଗା ବୈଗା ସେଠାରେ ପଡ଼ିଥିବା ସେହି ନାରୀ ମୂର୍ତ୍ତି ପାଖକୁ ଆସି ତା ମୁହଁକୁ ଫୁଙ୍କିଲା । ଭଗବାନ ତାକୁ ଯେମିତି କହିଥିଲେ ସେମିତି କଲା ।

ନାଙ୍ଗା ବୈଗା ତାକୁ ଡାକି କହିଲା, "ଉଠ୍, ଉଠ୍ !" ତାକୁ ଲେଉଟାଇ ଦେଲା । ନାଙ୍ଗା ବୈଗିନୀ ଉଠି ବସିଲା । ଏହି ପ୍ରକାରେ ନାଙ୍ଗା ବୈଗା ଓ ନାଙ୍ଗା ବୈଗିନୀଙ୍କର ଗୋଟିଏ ଶରୀର ଓ ଗୋଟିଏ ଆତ୍ମା ହେଲା । ସେମାନେ ଉଭୟେ ଭଗବାନଙ୍କର ଅଂଶ । କାରଣ ସେମାନେ ଭଗବାନଙ୍କ ଦେହ ମଳିରୁ ଜାତ ହୋଇଥିଲେ ।

ଏହାପରେ ନାଙ୍ଗା ବୈଗା ବଡ଼ଦେବତାଙ୍କୁ ପଚାରିଲା, "ମୁଁ କୁଆଡ଼େ ଯିବି ?" ଭଗବାନ କହିଲେ, "ମର୍ତ୍ତ୍ୟକୁ ଯାଅ ।" ସେତେବେଳେ ପୃଥିବୀରେ ଖାଲି ଡିପ ପଥର ଓ ସମୁଦ୍ର ବ୍ୟତୀତ ଆଉ କିଛି ନଥିଲା । ସେ ଦୁହିଁଙ୍କର

ପିନ୍ଧିବାକୁ ଲୁଗା ନଥିବାରୁ ତାଙ୍କୁ ଲାଜ ମାଡ଼ିଲା । ଲାଜରେ ସେ ଦୁହେଁ ସମୁଦ୍ରକୁ ଡେଇଁ ପଡ଼ିଲେ । ଗୋଡ଼ଠାରୁ ବେକଯାଏ ପାଣିରେ ରଖି ଖାଲି ମୁଣ୍ଡଟିକୁ ବାହାରେ ରଖି ରହିଲେ । ସେଠାରେ ସେମାନେ ମାଛ ଧରି କଞ୍ଚା ମାଛ ଖାଇ ଚଳିଲେ । ସେତେବେଳେ ପୃଥିବୀରେ ନିଆଁ ନଥିଲା ।

ସେହି ସମୟରେ ପୃଥିବୀରେ ପାଣ୍ଡବ ଭାଇମାନେ ଓ ସେମାନଙ୍କ ମାଆ କୋତ୍‌ମା ରହୁଥିଲେ । କେବଳ ସେହି ପାଞ୍ଚଭାଇ ଥିଲେ । ଏପରିକି ନାରାୟଣ ଦେବ ମଧ୍ୟ ଜନ୍ମ ହୋଇ ନଥିଲେ । ବହୁତ୍ ପରେ ସେ ଆଲୁଅ ଦେଖିଲେ । ପାଣ୍ଡବ ଭାଇମାନେ ଅଧେ ଦିନ ପୃଥିବୀରେ ଓ ଆଉ ଅଧେ ଦିନ ସ୍ୱର୍ଗରେ ରହୁଥିଲେ । ସ୍ୱର୍ଗରେ ସେମାନେ ଭଗବାନଙ୍କ ଦେବସଭାକୁ ଯୋଗ ଦେବାପାଇଁ ଯାଉଥିଲେ ।

ଥରେ ମାତା କୋତ୍‌ମା ଭଗବାନଙ୍କ ନିକଟରେ ଅଭିଯୋଗ କରି କହିଲେ, "ପୃଥିବୀରେ ମାଟି ନାହିଁ । ଶସ୍ୟ ନାହିଁ । ଗଛ ଉଠୁନି । ଜୀବଜନ୍ତୁ ନାହାନ୍ତି । ସେଠାରେ ତୁମେ ଖାଲି ପଥରକୁ ଛାଡ଼ି ଦେଲେ ଆଉ କିଛି ପାଇବନି ।"



ଭଗବାନ କହିଲେ, "ପାତାଳପୁରରେ ମାଟି ଅଛି । ସେଠାକୁ ଯାଇ ଆଣ ।" ତାପରେ ସେ ମାତା କୋତ୍‌ମାକୁ ଆଉଟିକେ ମନେ ପକାଇ ଦେଇ କହିଲେ, "ଥରେ ତୁମ ପୁଅ ଭୀମସେନକୁ ସାପମାନଙ୍କର ରାଜା ବୁଢ଼ାନାଗ ବର ଯାଚିଥିଲେ । ତେଣୁ ପାତାଳରୁ ମାଟି ଭୀମସେନ ଆଣିପାରିବ ।"

ଏହାପରେ ଭଗବାନ ପାଣ୍ଡବ ଭାଇମାନଙ୍କୁ ପାତାଳରୁ ମାଟି ଆଣିବାପାଇଁ ଆଦେଶ ଦେଲେ ।

ପାଣ୍ଡବ ଭାଇମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହେଲେ, "ଆମେ କେମିତି ପାତାଳକୁ ଯିବା ? ପୃଥିବୀରୁ ପାତାଳକୁ ତ ରାସ୍ତାନାହିଁ ।"

ତାପରେ ଥରେ ସେମାନେ ପଥର ଖୋଲରେ କଇଁଛରଜା କିଛୁଲ୍‌କୁ ଦେଖିଲେ । ସେ ନିଜେ ତାର ରହିବାପାଇଁ ପଥରରେ ଏକ ବିରାଟ ଖୋଲ ତିଆରି କରିଥିଲା । ସେତେବେଳେ ସେ ବହୁତ ବଡ଼ ଓ ବଳୁଆ ପ୍ରାଣୀ ଥିଲା ।

ପାଣ୍ଡବ ଭାଇମାନେ କିଛୁଲ୍‌କୁ ଡାକି ଆଦେଶ ଦେଲେ, କହିଲେ, "କିଛୁଲ୍, ପାତାଳପୁରକୁ ଯାଆ ଏବଂ ସେଠାରୁ ଧରଣୀମାତାକୁ ନେଇଆ ।"

କଇଁଛ ମଧ୍ୟ ନିଜେ ନିଜକୁ ପଚାରିଲା, ପାତାଳପୁରକୁ ତ ଯିବାପାଇଁ ରାସ୍ତା ନାହିଁ । ରାସ୍ତା କେମିତି ତିଆରି କରିବି ? ଏମିତି କିଛି ସମୟ ଭାବି, ସେ ତାର ଖୋଲ ଭିତରକୁ ଗଲା । ପାତାଳପୁର ଯାଏଁ ସେଠାରୁ ଗୋଟିଏ ବଡ଼ ଫାଟ ତିଆରି କଲା । ଏହି ଫାଟ ବାଟେ ଏବେ କଇଁଛ ସହଜରେ ପାତାଳପୁରରେ ପହଞ୍ଚି ଯାଇପାରିବ ।

ସେ ଏକା ଗଲା ନାହିଁ । ସାଥିରେ ମାଟି ବିରୁଡ଼ି, କିଆ ଓ ଉଇଙ୍କୁ ନେବାପାଇଁ ସ୍ଥିର କଲା । ମାଟି ବିରୁଡ଼ି ବର୍ଷର ମାର୍ଗଶୀର ଓ ମାଘ ମାସରେ କାଦୁଅରେ ଘର ତିଆରି କରେ । ଘର ତିଆରି ଶେଷ ହେଲାପରେ, ସେ ଯେକୌଣସି ଗୋଟିଏ ପୋକକୁ ମାରି ତାକୁ ସେହି କାଦୁଅ ଘରେ ରଖି ମୁହଁ ବନ୍ଦ କରିଦିଏ । କିଛି ସମୟ ପରେ ସେଥିରୁ ଗୋଟିଏ ନୂଆ ମାଟି ବିରୁଡ଼ି ଛୁଆ ସୃଷ୍ଟି ହୁଏ । ଅନ୍ୟ କୌଣସି ଗୋଟିଏ ପୋକରୁ ଜାତ ଏହି ମାଟି ବିରୁଡ଼ି ଛୁଆକୁ ସେ ନିଜ ଛୁଆ ଭାବେ ଆଦରି ନିଏ ।




କଇଁଛର ଅନ୍ୟ ସାଥୀକଣକ ହେଲା ଜିଆ। ଜିଆ କାଦୁଅ ଖାଏ। କଅଁଳ ଫସଲ ଗଛର ମୂଳକୁ କାଟିଦିଏ। ଶସ୍ୟ କ୍ଷେତ ପାଇଁ ଏହା କ୍ଷତିକାରକ। କଇଁଛର ତୃତୀୟ ସାଥୀ ହେଲା ଉଇ। ଉଇ ମଧ୍ୟ କାଦୁଅରେ ତା ନିଜ ପାଇଁ ଘର ତିଆରି କରେ।

ପାତାଳକୁ ଯାଉଥିବା ଅଧାବାଟରେ ଗୋଟିଏ ବଡ଼ ନଦୀ ପଡ଼ିବାରୁ କଇଁଛରାଜା ଓ ତାଙ୍କ ସାଥୀମାନେ ଅଟକିଗଲେ। ମାଟି ବିରୁଡ଼ି ସମସ୍ତଙ୍କୁ ତାର ଡେଣାରେ ବସାଇ ନଦୀ ଆର ପାରିକୁ ନେଇଗଲା।

କିଛୁଲ କଇଁଛ ପାତାଳପୁରରେ ପହଁଚି, ସବୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ନିଜକୁ ନିଜେ କହିଲା, "ଏଠାରେ ଏମାନଙ୍କର ସବୁ ସୁବିଧା ଅଛି। ଫସଲ ଅଛି। ପ୍ରାସାଦ ଅଛି। ବାସ୍ତବରେ ଏମାନଙ୍କର ଏଠି କ'ଣ ନାହିଁ।"

ପୁରୁଣା ବୁଢ଼ାନାଗ ପାତାଳପୁରର ରଜା। ସାମ୍ରାଜ୍ୟରେ ପଶି ଯଦି କେହି ଧରଣୀମାତାକୁ ଚୋରି କରିବାକୁ ଆସେ, ତାକୁ ବାଧା ଦେବା ପାଇଁ ସେ ସାତଟି ଦ୍ୱାରରେ ଫାଶ ପକାଇବା ବ୍ୟବସ୍ଥା ରଖିଥିଲା। କଙ୍କଡ଼ାସୁର କାକ୍ରାମଲ୍ଲକୁ ରାଜା ଦ୍ୱାର ଜଗୁଆଳି ଭାବେ ରଖିଥିଲେ। ତାର ଭୟରେ କେହି ଅନୁପ୍ରବେଶକାରୀ ରାଜପୁର ଭିତରକୁ ପ୍ରବେଶ କରି ପାରୁନଥିଲେ। କଙ୍କଡ଼ାସୁର ଏତେ ବିଶାଳ ଯେ ତାର ଗୋଟିଏ ଗୋଡ଼ ପାତାଳରେ ଓ ଅନ୍ୟଗୋଡ଼କୁ ସ୍ୱର୍ଗକୁ ଲଗେଇ ଧରିଥିଲା।



କଇଁଛ ରାଜା ଏହି ଭୟଙ୍କର ଦ୍ୱାର ରକ୍ଷୀକୁ ଦେଖି ଡରି ଯାଇ କହିଲା, "ମୋ ବୋପାଲୋ ! କେମିତି ତା' ଭିତରକୁ ଯିବି ? ମୁଁ ତ ଧରାପଡ଼ିଯିବି। ଯାହା ବି ହେଉ, ମୁଁ ଯିବି ! ଯଦି ଧରାପଡ଼ିଯାଏ ତେବେ ମର୍ତ୍ତ୍ୟର ରଜା ଏବଂ ସ୍ୱର୍ଗର ରାଜା ଦୁହେଁ ମିଶି ମୋତେ ରକ୍ଷା କରିବେ।"

କଇଁଛ ସାହସର ସହିତ ସେହି ଫାଶ ବସିଥିବା ଦ୍ୱାର ପାଖକୁ ପ୍ରଥମେ ଗଲା । ସେ ଦେଖିଲା କାକ୍ରାମଲ୍ଲ ଶୋଇ ପଡ଼ିଛି । ସେ କହିଲା, ଶୋଇଥିବା ଦ୍ୱାରପାଳ ଓ ସାତଟା ଫାଶକୁ ଡେଇଁଯିବା ମୋତେ ସହଜ ହେବ ।

କଇଁଛ ରଜା ତରତର ହୋଇ ଭିତରେ ପଶିଗଲା ଏବଂ ଧରଣୀମାତାକୁ ଦେଖାକଲା ।

ଧରଣୀମାତା ପଚାରିଲେ, "କୁଆଡ଼ୁ ଆସିଲ ?"

କିଛୁଲ କହିଲା, "ପୃଥିବୀରୁ ।"

ପୁଣି ପଚାରିଲେ, "ଏଠାକୁ କାହିଁକି ଆସିଛ ? ତୁମେ କଣ ଜାଣିନ ସର୍ପରାଜ ବୁଢ଼ାନାଗ ତମକୁ ଦେଖିଲେ ମାରିଦେବ ?"

କଇଁଛ କହିଲା, "ତମକୁ ମର୍ତ୍ତ୍ୟକୁ ନେବାପାଇଁ ପାଣ୍ଡବ ଭାଇମାନେ ମୋତେ ପଠାଇଛନ୍ତି । ଏବେ ମୋ ସାଥିରେ ଚାଲ ।"

ଧରଣୀମାତା ପଚାରିଲେ, "ମର୍ତ୍ତ୍ୟରେ ରଜା କିଏ ?"

କଇଁଛ କହିଲା, "ନାଙ୍ଗା ବୈଗା"।

ପୁଣି ପଚାରିଲେ, "ଯଦି ମୁଁ ଯାଏ, ସେ ମୋର ସେବା କରିବ ? ସେ ମୋତେ ପୂଜା କରିବ ?"

କଇଁଛ ରାଜା କିଛୁଲ କହିଲା, "ହଁ, ସେ ନିଶ୍ଚିତ ପୂଜା କରିବ ।"

ତାପରେ ଧରଣୀମାତା କହିଲେ, "ଏବେ ମର୍ତ୍ତ୍ୟକୁ ଯିବାକୁ ମୁଁ ପ୍ରସ୍ତୁତ । ପାଟି ମେଲାକର । ତୋ ପେଟ ଭିତରେ ପଶି ମୁଁ ଲୁଚି ରହିବି ।"

କଇଁଛ ବସି ପଡ଼ି, ତାର ବଡ଼ ପାଟି ମେଲାକଲା । ଧରଣୀମାତା ତା ପାଟିରେ ପଶି ତଳୁ ଉପରଯାଏ ପୁରି ରହିଲେ । କିଛୁଲ୍‌ର ସାଥୀମାନେ ମଧ୍ୟ ଉର୍ବର ମାଟି ସବୁକୁ ଗିଳି ପକାଇଲେ । ସେମାନେ ଧଳା ମାଟି, ନାଲି ମାଟି, କଳା ମାଟି ଇତ୍ୟାଦି ସବୁ ପ୍ରକାର ମାଟି ଖାଇଲେ ।

ତାପରେ କଇଁଛ ଓ ତାର ସାଥୀମାନେ ସନ୍ତୋଷ ମନରେ ପୃଥିବୀ ଉପରକୁ ଉଠି ଆସିବାପାଇଁ ତରତର ହେଲେ । ସେମାନେ ସବୁ ଚୋର ଥିଲେ । ଧରଣୀମାତାଙ୍କୁ ଚୋରୀ କରିବାପାଇଁ ଆସିଥିଲେ ।

ଫେରିଲାବେଳେ କଇଁଛ ଦ୍ୱାରପଥରେ ଥିବା ଛଅଟି ଫାଶକୁ କୌଶଳରେ ଡେଇଁ ଆସିଲା । ତରତର ହୋଇ ଯାଉ ଯାଉ ସପ୍ତମ ଫାଶରେ ପଡ଼ିଗଲା । ଗୋଟିଏ ଗୋଡ଼ ତାର ଫାଶରେ ଛନ୍ଦି ହୋଇଗଲା । କଇଁଛ ସେହି ଫାଶରୁ ଖସିଯିବା ପାଇଁ ଟାଣି ହେଲାରୁ କଙ୍କଡ଼ା ରାକ୍ଷସର ଦେହ ହଲିଲା ଏବଂ ସେ ନିଦରୁ ଉଠି ପଡ଼ିଲା । ଫାଶର ଗୋଟିଏ ସୂତା କଙ୍କଡ଼ା ରାକ୍ଷସ ତାର ବାହୁରେ ବାନ୍ଧିଥାଏ । କାକ୍ରାମଲ୍ଲ କିଛୁଲକୁ ଦେଖି ତା ଗଳା ସାହାଯ୍ୟରେ ସ୍ରୋତ ପ୍ରବାହ କଲା । ଫଳରେ କଇଁଛ ପିଠିମାଡ଼ି ଓଲଟି ପଡ଼ିଗଲା । ତାର ଗୋଡ଼ ଓ ବାହୁ ପବନରେ ଛଟ୍ ଛଟ୍ ହେଲା । କିଛୁଲ୍ ଡରିଯାଇ ଭୟରେ ଚିତ୍କାର କରିବାକୁ ଲାଗିଲା । "ହୋ....ମାମୁଁ, ନମସ୍କାର", କାକ୍ରାମଲ୍ଲ କହିଲା, "ମୋତେ କିଏ ତୁମେ ନମସ୍କାର କରୁଛ ?"

କିଛୁଲ କହିଲା, "ମୁଁ ଏବଂ ଧରଣୀମାତା ।"

କାକ୍ରାମଲ୍ଲ ପୁଣି ପଚାରିଲା, "ଧରଣୀମାତା କେଉଁଠି ?"

କଇଁଛ କହିଲା, "ମୋ ପେଟରେ ।"

କଙ୍କଡ଼ାସୁର ଜାଣିବାକୁ ଚାହିଁଲା, "ମୋତେ ତୁ ମାମୁଁ କାହିଁକି ଡାକିଲୁ ? ମୁଁ ତୋତେ ଆଗରୁ କେବେ ତ ଦେଖିନଥିଲି ।"

କଇଁଛ କହିଲା, "କିନ୍ତୁ ମୁଁ ତୁମ ଭଉଣୀର ପୁଅ ।"

କଙ୍କଡ଼ା କହିଲା, "କେମିତି ଏହା ସମ୍ଭବ ହେଲା ?"


କିଛୁଲ ବୁଝେଇ କହିଲା, "ତୁମ ଭଉଣୀ କାକ୍ରାଇ ମୋର ମାଆ । ମୁଁ ତାର ଛାତି ଭିତରୁ ଜନ୍ମ ହୋଇଥିଲି । ନହେଲେ କେମିତି ତମକୁ ମାମୁଁ ଡାକିଲି ?"

କାକ୍ରାମଲ୍ଲ କହିଲା, "ତୋ ନାଁ କ'ଣ ?"

କଇଁଛ କହିଲା, "କିଛୁଲ୍"

କାକ୍ରାମଲ୍ଲ କହିଲା, "ଯଦି ପ୍ରକୃତରେ ତୁ ମୋର ଭଣଜା, ତା'ହେଲେ ତୋତେ ଛାଡ଼ିଦେବି ।"

ଏହାପରେ ସେ ତାର ବାହୁକୁ କଇଁଛ ବେକରୁ କାଢ଼ି ଦେଲା । କଇଁଛ ଓ କାକ୍ରାମଲ୍ଲର କଳିଗୋଳ ଶୁଣି ଠିକ୍



ସେତିକି ବେଳେ ସର୍ପରାଜ ବୁଢ଼ାନାଗ ଗର୍ଜନ କରି କହିଲା,

"ଦ୍ୱାରପାଳ, ଦ୍ୱାର ପାଖରେ କିଏ ?"

କାକ୍ରାମଲ୍ଲ କହିଲା, "ଗୋଟିଏ ଚୋର ।"


ବୁଢ଼ାନାଗ ଚିତ୍କାର କରି କହିଲା, "ତାକୁ ମୋ ପାଖକୁ ଆଣ ।" କିଛୁଲ୍ ଓ ତାର ସାଥୀମାନଙ୍କର ବିଚାର ପାଇଁ ବୁଢ଼ାନାଗର ଦରବାରକୁ ଘେନି ଆସିବା ପାଇଁ ସେ ତାଙ୍କର ଦୂତ ଘୁଷୁରୀ ସର୍ପକୁ ପଠେଇଲେ ।

ସର୍ପରାଜ ଦୂତକୁ ପଚାରିଲେ, "ସେମାନେ କାହିଁକି ଏଠାକୁ ଆସିଥିଲେ ?"

ଘୁଷୁରୀ ନାଗ କହିଲା, "ଧରଣୀମାତାଙ୍କୁ ଚୋରୀ କରିବାପାଇଁ ।"

କଇଁଛ କିଛି ମାନିଲା ନାହିଁ । କହିଲା, "ଏହା ସତ ନୁହେଁ । ଧରଣୀମାତା ମୋ ସାଥୀରେ ନଥିବା ତୁମେ ଦେଖି ପାରୁନା ?"

ଘୁଷୁରୀ ସର୍ପ କହିଲା, "ସେ ଧରଣୀମାତାଙ୍କୁ ଗିଳି ଦେଇଛି । ତାର ପେଟ ଫୁଲିଯାଇଛି ।" ଘୁଷୁରୀ ସର୍ପ ଜବରଦସ୍ତ ପାଟି ମେଲା କରି ତା ପେଟ ଭିତରକୁ ଚାହିଁଲା । ତାପରେ ସେ କହିଲା, "ପଙ୍କ ଭିତରେ ବୁଡ଼େଇ ରଖି ଏହାର ଶ୍ୱାସରୁଦ୍ଧ କରିଦେବା ।"



ସର୍ପରାଜ କଇଁଛକୁ ପଚାରିଲେ, "ତୁ ଗୋଟିଏ ଚୋର । ତୁ ପାତାଳପୁରକୁ କାହା ଆଦେଶରେ ଆସିଛୁ ?"

କିଛୁଲ କହିଲା, "ମୋତେ ଭୀମସେନ ଧରଣୀମାତାଙ୍କୁ ନେବାପାଇଁ ପଠେଇଥିଲେ ।"

ବୁଢ଼ାନାଗ କହିଲା, "ଧରଣୀମାତାଙ୍କୁ ପୃଥିବୀକୁ ଯିବାକୁ ଦେବିନି । ନଚେତ୍ ଭୀମସେନ ନିଜେ ଆସୁ । ଏହାହିଁ ମୋର ଚୁକ୍ତି ।"

ତାପରେ ବୁଢ଼ାନାଗ ଆଦେଶ ଦେଲା, "କଇଁଛ ଓ ତାର ସାଥୀମାନଙ୍କୁ ତେଲଘଣା ସାପ ପାଖକୁ ନିଅ । ସେ ତାର ପେଟକୁ ପେଷି ଧରଣୀମାତାଙ୍କୁ ଚିପି ବାହାର କରୁ ।"

ଏହାପରେ ତେଲ ଘଣା ସାପ କିଛୁଲ୍‌କୁ ଘଣାରେ ପୁରାଇ ତା ବେକଠାରୁ ପଛ ଗୋଡ଼ଯାଏ ଜୋର୍‌ରେ ଚାପି ଦେବାରୁ କଇଁଛ ଅତି ପତଳା ହୋଇଗଲା ଏବଂ ପୁରା ଶୁଖି ଚେପା ହୋଇଗଲା । ମାଟିସବୁ ଚିପି ହୋଇ ପାଟି ବାଟେ, ମଳଦ୍ୱାର ବାଟେ, ତା ଦେହରେ ଯେଉଁଠି ସବୁ କଣା ଥିଲା ସେବାଟେ ବାହାରି ଆସିଲା । ତାର ସାଥୀମାନଙ୍କର ଅବସ୍ଥା ମଧ୍ୟ କଇଁଛ ପରି ହେଲା । ସେମାନେ ମଧ୍ୟ ଘଣାରେ ଚପା ହେଲେ । ମାଟି ସବୁ ତାଙ୍କ ପେଟରୁ ବାହାରିବାଯାଏ ଘଣାରେ ପେଷା ହେଲେ ।


ଏହାପରେ ସର୍ପରାଜ ଆଦେଶ ଦେଲେ,

"ଏମାନଙ୍କୁ ସାଙ୍ଗେ ସାଙ୍ଗେ ଏଠୁ ମର୍ତ୍ତ୍ୟରେ ଛାଡ଼ି ଦେଇ ଆସ ।"

ସେ ତାଙ୍କର ତିନି ଜଣ ଆରକ୍ଷୀ ବାହିନୀ-ପାହାଡ଼ି ସର୍ପ, କୋଇଲା ସର୍ପ, ଅଜଗରକୁ ସେମାନଙ୍କ ସାଥୀରେ ପଠେଇଲେ । କହିଦେବ, ଯେମିତି ଆଉ ଦ୍ୱିତୀୟ ଥର ଧରଣୀମାତାଙ୍କୁ ଚୋରି କରିବାପାଇଁ ଫେରି ନଆସିବେ ।

ସେତେବେଳେ କଇଁଛର ଖୁବ୍ ଲମ୍ବା ଦାନ୍ତ ଥିଲା । ପ୍ରାୟେ ହାତେ ଲମ୍ବ ହେବ । ସେହି ଦାନ୍ତ ସବୁ ଲଗା ଲଗି ନଥିଲା । ମଝିରେ ଫାଙ୍କ ଥିଲା । ସେହି ଦାନ୍ତ ଫାଙ୍କରେ ମାଟି ଲାଖି ରହିଥିବା କଥା କେହି ଜାଣି ପାରି ନଥିଲେ ।

କଇଁଛ ମର୍ତ୍ତ୍ୟକୁ ଫେରିଆସିବା ପରେ ମାତା କୋତ୍‌ମା ତାକୁ ପଚାରିଲେ, "ଧରଣୀମାତାଙ୍କୁ ଆଣିଲୁ ?"



କଇଁଛ କହିଲା, "ମାତା, ମୁଁ ଆଣିପାରିଲି ନାହିଁ।"

ସେଠାରେ ବହୁ ଅସୁବିଧାରେ ପଡ଼ିଲି। ସେମାନେ ମୋତେ ବନ୍ଦୀ କଲେ। ତେଲ ଘଣାରେ ପେଷିଲେ। ଦେଖୁନା, ମୁଁ କେତେ ପତଳା ହୋଇ ଥକି ଯାଇଛି। ପୂର୍ବରୁ ମୁଁ ଚିକ୍କଣ ଓ ଛୋଟ ଥିଲି। କିନ୍ତୁ ଏବେ ମୁଁ ବାରହାତ ଲମ୍ବ ହୋଇ ଯାଇଛି। ବହୁ କଷ୍ଟରୁ ରକ୍ଷା ପାଇ ଯାଇଛି।"

ଗୋଟିଏ ହାତରେ ଛୁରୀ ଓ ଅନ୍ୟ ହାତରେ ଛୁଞ୍ଚି ଧରି ଠିକ୍ ସେତିକି ବେଳେ ଜିଆ ତା ଗାତରୁ ବାହାରି ଆସିଲା। ସେ କଇଁଛକୁ କହିଲା,

"ଆଁ ମେଲାକଲୁ, କାଳେ କିଛି ମାଟି ତୋ ଦାନ୍ତ ଫାଙ୍କରେ ଲାଗିଥିବ ମୁଁ ଦେଖିବି।"

କିଛୁଲ୍ ପାଟି ମେଲାକଲା। ଜିଆ ତାର ଦାନ୍ତ ସନ୍ଧିକୁ ଛୁଞ୍ଚିରେ କେଞ୍ଚି, ଛୁରୀରେ କୋରିଲା।

କଇଁଛର ଦାନ୍ତରେ ଛୁରୀ ଧାର ବାଜିବାରୁ, ସେ ଭୟରେ ଚିତ୍କାର କଲା, "ମୋ ପାଟିରେ ତୋ ଛୁରୀ ପୁରାନା। ତୁ ମୋ ଦାନ୍ତ କାଟି ଦେବୁ।"

ଜିଆ ତାର ଛୁରୀର ଗୋଟିଏ ଚୋଟରେ କଇଁଛର ସବୁତକ ଦାନ୍ତ କାଟିଦେଲା। ତାପରେ ସେ ଗୋଟିଏ ପରେ ଗୋଟିଏ ଦାନ୍ତକୁ ସଫାକରି, କୋରି ଅଳ୍ପ କାଦୁଅ ବିରିଦାନା ପରି ସଂଗ୍ରହ କରି ରଖିଲା।

ସ୍ୱର୍ଗରୁ ଏକଥା ଭଗବାନ ଦେଖି, ଜିଆ ଉପରେ ଖୁସି ହୋଇ କହିଲେ, "ତୁମ କାମ ପାଇଁ କ'ଣ ପୁରସ୍କାର ଚାହୁଁଛ ?" ଜିଆ କହିଲା, "ଜମିରେ ଯାହା ସବୁ ଫଳିବ, ମୋତେ ଖାଇବାକୁ ଆଦେଶ ଦିଅନ୍ତୁ।"

ଭଗବାନ କହିଲେ, "ଗଛ ମୂଳରେ ଥିବା ଡେମ୍ଫିକୁ ଖାଇବୁ। କିନ୍ତୁ କେଣ୍ଡାରେ ଥିବା ଶସ୍ୟକୁ ନୁହେଁ।"

ସେହିଦିନ ଠାରୁ ଜିଆ କ୍ଷେତରେ ଉପଦ୍ରବ କରୁଛି। ବଢ଼ନ୍ତା ଫସଲର କଅଁଳ ମୂଳକୁ କାଟିଦିଏ। ଯଦି ବହୁତ ଫସଲ ନଷ୍ଟ କରେ, ତେବେ ଭୂମିଆମାନେ ଜିଆକୁ ଦମନ କରି ପୂଜା ଦିଅନ୍ତି ଓ ପ୍ରାର୍ଥନା କରନ୍ତି। କହନ୍ତି, "ଜିଆ ମୋ ଫସଲ ଖାଇବୁ ନାହିଁ।"

ଯେତେବେଳେ ଉଇ ଫସଲ ନଷ୍ଟ କରେ, ସେତେବେଳେ ସେହି ଏକା ପ୍ରାର୍ଥନା ମଧ୍ୟ କରନ୍ତି। ପାତାଳପୁରକୁ ଗଲାବେଳେ କଇଁଛ ସାଥୀରେ ଉଇ ମଧ୍ୟ ଥିଲା। ସେ ଜିଆର ଝିଅ କି ଧର୍ମ ମାଉସୀ ହେବ।

ପାଣ୍ଡବ ଭାଇମାନେ ଆସୁଥିଲେ। ଏସବୁ ଦେଖି ପଚାରିଲେ, "ଆମେ ଏହି ଟିକିଏ କାଦୁଅ ଦାନାରେ କଣ କରିବୁ ? ପୁଣି ଧରଣୀ ମାତା ମୃତ।"

କଇଁଛ ଦାନ୍ତ ଫାଙ୍କରେ ପୃଥିବୀ ଉପରକୁ ଧରଣୀମାତା ଆସିବା ବେଳେ ବାଟରେ ମରିଯାଇଛନ୍ତି।


ଏହାପରେ ମାଟି ବିରୁଡ଼ି ଧରଣୀମାତାଙ୍କୁ ଜୀବନ ଦାନ ଦେବାପାଇଁ ସ୍ଥିର କଲା। ସେ ତାର ଶକ୍ତିଶାଳୀ ଯାଦୁ

ମନ୍ତ୍ର ଉଚ୍ଚାରଣ କରିବାରୁ ଧରଣୀମାତା ଜୀବନ ଫେରିପାଇଲେ। ଧରଣୀମାତାଙ୍କୁ ସେ ଜୀବନଦାନ ଦେଇଥିବାରୁ ଭୂମିଆମାନେ କେବେ ବି ମାଟି ବିରୁଡ଼ିକୁ ମାରନ୍ତି ନାହିଁ। ବେଳେବେଳେ ସେମାନେ ମାଟି ବିରୁଡ଼ିକୁ ମଦ ଦେଇଥାନ୍ତି। ମାଟି ବିରୁଡ଼ିକୁ ସେମାନେ "ଯାଦୁକର" ଡାକନ୍ତି ଏବଂ ବିଶ୍ୱାସ କରନ୍ତି ଯେ ଏମାନେ ଅମର, କାରଣ ସେମାନଙ୍କ ତିଆରି କାଦୁଅ ଘରେ ଥିବା କୀଟରୁ ପ୍ରତିବର୍ଷ ପୁର୍ନଜନ୍ମ ପାଆନ୍ତି।

ଧରଣୀମାତାଙ୍କୁ ମାଟି ବିରୁଡ଼ି ଏଇଭାବେ ଜୀବଦାନ ଦେଲା ପରେ ପାଣ୍ଡବ ଭାଇମାନଙ୍କୁ ଭଗବାନ କହିଲେ, "ସେହି ମାଟି ସହିତ ପାଣି ମିଶାଇ ଚକଟି ଦିଅ।"

ପାଣ୍ଡବ ଭାଇମାନେ ଗୋଟିଏ ବଡ଼ ଗାଆଁ ଭଳିଆ ପଥର କୁଣ୍ଡଟିଏ ତିଆରି କଲେ। ସେହି କୁଣ୍ଡର ଫନ୍ଦଯାଏ ପାଣି ଭର୍ତ୍ତି କଲେ। ତାପରେ ସେଥିରେ କାଦୁଅ ଦାନା ପକାଇଲେ। ଯେତେବେଳେ ସେମାନେ ଏହାକୁ ମନ୍ଥନ କରିବାକୁ ଚାହିଁଲେ, ସେମାନଙ୍କର ଦଉଡ଼ି କି ଖୁଆଦଣ୍ଡ ନଥିଲା। କାରଣ ପୃଥିବୀରେ ସେତେବେଳେ ଗୋଟିଏ ହେଲେ ବି ଗଛ ନଥାଏ। ଦଉଡ଼ି ବଳିବାକୁ ଛଣ ପଟ ବି ନଥିଲା। ପାଣ୍ଡବମାନେ ଜାଣି ପାରିଲେନି କଣ କରିବେ। ଶେଷରେ ଭୀମସେନ କଇଁଛ ସାଥିରେ ଛାଡ଼ିବାକୁ ଆସିଥିବା ସାପ ତିନିଟାଙ୍କୁ ଦେଖିଲା।

ସେ ସାପ ତିନୋଟିଙ୍କୁ ମାଡ଼ି ବସି କହିଲା, "ମୋତେ ତୁମେମାନେ ପ୍ରଚୁର ମାଟି ନଦେବା ଯାଏ, ମୁଁ ତୁମମାନଙ୍କୁ ପାତାଳପୁରକୁ ଫେରିଯିବାକୁ ଛାଡ଼ିବି ନାହିଁ, ନଚେତ୍ ମୁଁ ତୁମମାନଙ୍କୁ ମାରିଦେବି।"



ଏହାପରେ ଭୀମସେନ ଅଜଗର ସାପକୁ ମନ୍ଥନ ପାଇଁ ଖୁଆଦଣ୍ଡ କଲା । ସେତେବେଳେ ଅଜଗର ସାପ ବହୁତ ବଡ଼ ଓ ମୋଟା ଥିଲା । ଖୁଆଦଣ୍ଡର ଦଉଡ଼ି ଭାବରେ ପାହାଡ଼ି ସାପକୁ ଅଜଗର ଚାରିପଟେ ଭିଡ଼ି ଗୁଡ଼େଇଲା । ଭୀମସେନ କହିଲା, "ଏହାକୁ ମନ୍ଥନ କରିବ କିଏ ? ଯଦି ମୁଁ ଏହି ସାପକୁ ଦଉଡ଼ି କରେ ତେବେ ଏହା ଭାଙ୍ଗି ଯିବ ।"

ମାତା କୋତ୍‌ମା କହିଲେ, "ମୁଁ କରିବି ।"

ତାପରେ ସେ କୁଣ୍ଡରେ ଥିବା କାଦୁଅ ପାଣିକୁ ଗୋଳେଇବାକୁ ଆରମ୍ଭ କଲେ । ପାଣ୍ଡବ ଭାଇମାନେ ଦେଖିଲେ, ମନ୍ଥନ ଦ୍ୱାରା ଧରଣୀ ଫୁଲି ଉଠି ବିସ୍ତାରିତ ହେଉଛି । ସେମାନଙ୍କୁ ଯାଦୁ ଦେଖିଲା ଭଳି ଲାଗୁଥିଲା । ତାପରେ ସେମାନେ ସବୁ ହାତ ପୁରାଇ ଘାଣ୍ଟିଲେ । ଧରଣୀମାତାଙ୍କୁ ଆହୁରି ଫେଣେଇଲେ ।

ବଡ଼ ଦେବତା ଭଗବାନ ସ୍ୱର୍ଗରୁ ସବୁବେଳେ ଏସବୁ ପ୍ରତି ଲକ୍ଷ୍ୟ ରଖିଥାନ୍ତି ।

ଭଗବାନ କହିଲେ, "ସେହି କାଦୁଅ ମନ୍ଥନ ଭିତରେ ବୋତଲେ ମଦ ଢାଳିଦିଅ । ଧରଣୀ ଆହୁରି ଫୁଲିବ ଓ ସାରା ପୃଥିବୀ ଖେଳିଯିବ ।"

ପାଣ୍ଡବମାନେ କହିଲେ, "ନାଁ, ଆମେ ଏବେ ଏକଥା କରିବୁନି । ସମଗ୍ର ପୃଥିବୀରେ ମାଟି ପୁରିଗଲା ପରେ ଆମେ ଧରଣୀ ଉପରେ ମଦ ଢାଳିବୁ ।"

ମାତା କୋତ୍‌ମା ମଧ୍ୟ ମଦ ଧରି ଅପେକ୍ଷା କରିବା ପାଇଁ ଉପଦେଶ ଦେଲେ । କିନ୍ତୁ ଭୀମସେନ ତ ଭାରି ଅମାନିଆ, ଏପରିକି ତା ମାଆର କଥା ମଧ୍ୟ ମାନିଲା ନାହିଁ ।

ସେ ତା ମାଆକୁ କହିଲା, "ଆମେ ବହୁ କଷ୍ଟରେ ଧରଣୀମାତାଙ୍କୁ ପାଇଛୁ । ଆମେ ଯଦି ଏବେ ମଦ ନ ଢାଳୁ, ସେ ଯଦି ପାତାଳକୁ ଦଉଡ଼ି ପଳେଇବେ ଆମେ ତେବେ ଆଉ କେଉଁଠୁ ଧାନ ଓ ଅନ୍ୟାନ୍ୟ ଶସ୍ୟ ପାଇବୁ ?"

ମାତା କୋତ୍‌ମା କହିଲେ, "ଆମ ପାଖରେ ତ ମଦନାହିଁ । ମଦ କେଉଁଠୁ ଆଣିବୁ ?"

ଭଗବାନ କହିଲେ, "ପୃଥିବୀ ଓ ସ୍ୱର୍ଗ ମଝିରେ ଗୋଟିଏ ଜାଗା ଅଛି । ସେଠାରେ ଗୋଟିଏ ସଜନା ଗଛ ଅଛି । ସେହି ଗଛ କୋରଡ଼ରୁ ତୁମେ ମଦ ପାଇବ ।"

ପାଣ୍ଡବ ଭାଇମାନେ ଉପରକୁ ଚାହିଁ ଦେଖିଲେ, ସଜନା ଗଛ ଓ ମହୁଆ ଗଛ ଏକା ସାଙ୍ଗରେ ବଢ଼ୁଛନ୍ତି । ମହୁଆ ଗଛରେ ଫୁଲ ଧରିଛି । ସଜନା ଗଛ ଗଣ୍ଡିରେ ଥିବା କୋରଡ଼ରେ ସେହି ଫୁଲ ପଡୁଥିଲା । ସେହି ଫୁଲ ଉପରେ ବର୍ଷା ଓ ସୂର୍ଯ୍ୟ କିରଣ ପଡ଼ିବାରୁ ତାହା ମଦ ହେଉଥିଲା ।

ମାତା କୋତ୍‌ମା ତାଙ୍କ ପୁଅ ଭୀମସେନକୁ କହିଲେ, "ଗଛ ଉପରକୁ ଯାଇ ମଦ ଆଣ । କିନ୍ତୁ ଟିକିଏ ହେଲେ ପିଇବୁ ନାହିଁ ।" ସଜନାଗଛ ଉପରକୁ ଭୀମ ବଡ଼ ବଡ଼ ଖେପା ମାରି ଚଢ଼ିଗଲା । ଚବିଶ ମାଇଲ ଉପରକୁ ଉଠିଗଲା । ଗୋଟିଏ ପାଦ ତଳେ ରଖି ଅନ୍ୟ ପାଦଟି ଗଛ ଉପରେ ରଖିଲା । ସେ ଦେଖିଲା, ସଜନା ଗଛ କୋରଡ଼ରେ ବଡ଼ ବଡ଼ ବାରଟି ମାଠିଆରେ ମଦ ଅଛି । ତାହାକୁ ଦୁଇଟି ମୀନା ଚଢ଼େଇ ଜଗିଛନ୍ତି ।


ଭୀମସେନ କହିଲା, "ଆରେ, ଏଠି ତ ବହୁତ ମଦ ତାପରେ ସେ ମୀନାଚଢ଼େଇଙ୍କୁ କହିଲା, ମୋତେ ମଦ କିଛି ପିଇବାକୁ ଦିଅ । ଏହାର ସ୍ୱାଦ କେମିତି ମୁଁ ଟିକେ ଚାଖିବି ।"

ମୀନା ପକ୍ଷୀ ଗୋଟିଏ ପଥର ମାଠିଆ ମଦ ଦେଇ କହିଲେ, "ତୁମେ ଯେତେ ପିଉଛ ପିଅ । ଏଠି ତମପାଇଁ ବହୁତ ମଦ ଅଛି ।" ଗୋଟିଏ ମାଠିଆରେ ବତିଶ ସେର ମଦ ପଶେ । ଭୀମସେନ ଗୋଟିଏ ଢୋକରେ ମାଠିଆଏ ମଦ ଖାଲି କରିଦେଲା ।

ମଦମାଠିଆ ସବୁ.... ଦୋକାନ ପରି ଧାଡ଼ି ହୋଇ ରହିଥିଲା । ଭୀମସେନ କହିଲା, "ବହୁତ ବଢ଼ିଆ ଜିନିଷ, ମୋତେ ଆଉ ଦିଅ ।"

କିଛି ପଇସା ନଦେଇ ସବୁତକ ପଥର ମାଠିଆରେ ଥିବା ମଦ ଖାଲି କରିଦେଲା ।

ସେ ବହୁତ ପିଇଦେଲା ।



ଶେଷରେ ସେ ଯେଉଁକଥା ପାଇଁ ଆସିଥିଲା ତାର ମନେ ପକାଇଲା । ମୀନା ଚଢ଼େଇକୁ କହିଲା, "ହେ, ମୁଁ ତ ମାଠିଆରୁ ସବୁ ମଦ ପିଇଦେଲି । ଏବେ ମୋତେ ଧରଣୀମାତା ପାଇଁ ଗୋଟିଏ ବୋତଲ ମଦ ଦେ ।"

ତଥାପି ଆଉ ଗୋଟିଏ ବୋତଲ ମଦ ଥାଏ । ମୀନାଚଢ଼େଇ ତାକୁ ଭୀମସେନକୁ ଦେଲା । ଭୀମସେନ ସେହି ବୋତଲ ମୁହଁରେ ଗୋଟିଏ ଦଉଡ଼ି ବାନ୍ଧି, ତାକୁ କାନ୍ଧରେ ଝୁଲାଇଲା । ତାପରେ ସେ ଅସୁରପରି ଖେପା ମାରି ତଳକୁ ଓହ୍ଲେଇ ଆସିଲା । ଭଗବାନ ଭୀମସେନକୁ କହିଲେ, "ଏବେ ସେହି ମନ୍ଥନରେ ମଦ ପକାଇ ଦେଖ କଣ ହେଉଛି ।"

ଭୀମସେନ ବାମ ହାତରେ ବୋତଲ କାଢ଼ି ଡାହାଣ ହାତର ପବିତ୍ର ପାପୁଲିରେ ଧରି ସେ ମଦ ଛିଞ୍ଚିଲା । ହଠାତ୍ ଧରଣୀ ମାତା ପାଞ୍ଚହାତ ଉଚ୍ଚ ଉପରକୁ ଉଠିଲେ । କ୍ରମଶଃ ଅଧିକରୁ ଅଧିକ ଫୁଲି ମଚ୍ଛନ କୁଣ୍ଡରୁ ଉତୁରି ପଡ଼ି ଚାରି ଆଡ଼କୁ ବୋହିଯିବାକୁ ଲାଗିଲେ ।

ମାତା କୋତ୍‌ମାଙ୍କୁ ଭଗବାନ କହିଲେ, "ଏବେ ସେହି କୁଣ୍ଡକୁ ପୃଥିବୀ ମଝିରେ ରଖିଦିଅ ।"

ମାତା କୋତ୍‌ମା ସେହି ପାତ୍ରକୁ ମୁଣ୍ଡରେ ମୁଣ୍ଡାଇ ପୃଥିବୀ ମଝିରେ ରଖିଦେଲେ । ଧରଣୀମାତା ଉପରେ ଭୀମସେନ ଆହୁରି ମଦ ଢାଳିଲା । ଧରଣୀମାତା ସେଁ ସେଁ ହୋଇ ଫେଣ ଆକାରରେ ସାରା ପୃଥିବୀରେ ଫାଟ ଭିତରେ ପଶି ତଳ ଆଡ଼କୁ ଗଡ଼ି ଚାଲିଲେ ।

ଧରଣୀମାତାଙ୍କ ପ୍ରବଳ ବେଗରେ ଗତି ଦେଖି ଭୀମସେନ ଡାକ ଛାଡ଼ିଲା । ଧରଣୀମାତା ପାତାଳକୁ ଚାଲିଯିବେ ଦେଖି ଭୀମସେନ ତାଙ୍କ ଗତିରୋଧ କରିବାପାଇଁ, ତାଙ୍କ ବୋହିଯିବା ବାଟ ଆଗରେ ହାତଯୋଡ଼ି ଶୋଇ ପଡ଼ିଲା ।

ସେ ବଡ଼ପାଟିରେ ଡାକି କହିଲା, ଫେରି ଆସ, ଫେରି ଆସ, କୁଆଡ଼େ ଯାଉଛ ?

ଧରଣୀମାତା କମା ଶୁଣିଲେ ନାହିଁ । ତାଙ୍କର ଧରାଶାୟୀ ଶରୀରକୁ ଡେଇଁ କରି, ସେ କହିଲେ,

"ପାଣ୍ଡବ, ମୁଁ କାହିଁକି ତୁମ କଥା ମାନିବି । ତୁମେ ତୁମର ପ୍ରତିଜ୍ଞା ପୂରଣ କରିନାହଁ । କେହି ଏଠାରେ ମୋତେ ପୂଜିବାକୁ ନାହାନ୍ତି ।"

ଭୀମସେନ ପଚାରିଲା, "ମୋତେ କୁହ, କିଏ ତୁମର ସେବା ଓ ପୂଜା କରିବ ? ମୁଁ ତାକୁ ସାଙ୍ଗେ ସାଙ୍ଗେ ଧରି ଆଣିବି ।"



ଧରଣୀମାତା କହିଲେ, "ନାଙ୍ଗା ବୈଗା ମୋର ସେବା ଓ ପୂଜା କରିବ।"

ଭୀମସେନ ପଚାରିଲା, "ନାଙ୍ଗା ବୈଗା କେଉଁଠି ଅଛି ?"

ପବନ ଦେବତା କହିଲେ, "ଆରେ ମୁଁ ତ ତାକୁ ପ୍ରତିଦିନ ଦେଖେ। ତାକୁ ଏଠାକୁ ମୁହୂର୍ତ୍ତକ ଭିତରେ ନେଇ ଆସିବି। ନାଙ୍ଗା ବୈଗା ସମୁଦ୍ରରେ ଅଛି। ସେ ସେଠାରେ ମାଛ ଧରୁଛି। ପୃଥିବୀରେ ଶସ୍ୟ ନଥିବାରୁ ସେ ମାଛ ଖାଉଛି।"

ଭୀମସେନ ଆଦେଶ ଦେଲା, "ତାକୁ ଏଠାକୁ ଶୀଘ୍ର ଆଣ।"

ପବନ ଦେବତା ଉଡ଼ାଜାହାଜ ବେଗରେ ଉଡ଼ିଗଲେ। ଯେଉଁଠି ନାଙ୍ଗା ବୈଗା ଓ ତାର ସ୍ତ୍ରୀ ଲୁଚିଥିଲେ ସେ ଦେଖିଲେ। ସେ ଦୁହେଁ ପାଣି ଭିତରେ ବେକ ଯାଏ ବୁଡ଼ାଇ ଠିଆ ହୋଇଛନ୍ତି।


ପବନ ଦେବତା ନାଙ୍ଗା ବୈଗାକୁ କହିଲେ, "ଭୀମସେନ ତୋତେ ପାଣ୍ଡବ ଭାଇମାନଙ୍କ ଜାତିଆଣ ସଭାକୁ ଡାକିଛନ୍ତି।"

ନାଙ୍ଗା ବୈଗା ଯିବାକୁ ମନା କଲା, "ମୁଁ କେମିତି ଯିବି ସେଠାକୁ ? ସେଠାରେ ଭଗବାନ ଅଛନ୍ତି। ପାଣ୍ଡବମାନେ ଅଛନ୍ତି। ଧରଣୀମାତା ଅଛନ୍ତି, ଲୁଗା ନପିନ୍ଧି ଯିବା ପାଇଁ ମୋତେ ଲାଜ ମାଡ଼ିବ।"

ପବନ ଦେବତା ଫେରିଆସି ଏକଥା ଭୀମସେନକୁ କହିଲେ, "ନାଙ୍ଗା ବୈଗା ମନାକଲା। ତା ଦେହରେ ଲୁଗା ନଥିବାରୁ ଲଙ୍ଗଳା ହୋଇ ଆସିବାକୁ ତାକୁ ଲାଜ ମାଡୁଛି।"

ନାଙ୍ଗା ବୈଗା ନଆସିବାର କାରଣ ଭୀମସେନ ଭଗବାନଙ୍କୁ କହିଲା। ଭଗବାନ ତାଙ୍କ ହାତ ମୁଠା ଭିତରକୁ ଫୁଙ୍କି ଦେବାରୁ ତାଙ୍କ ନିଶ୍ୱାସରୁ ଲୁଗାଟେ ବାହାରିଲା। ସେହି ଲୁଗାକୁ ସେ ଭୀମସେନ ହାତରେ ଦେଲେ। ଭୀମସେନ ତାହାକୁ ପବନ ଦେବତା ହାତରେ ଦେଲେ। ପବନ ଦେବତା ତାକୁ ନେଇ ନାଙ୍ଗା ବୈଗା ପାଖକୁ ଗଲେ।

ଭଗବାନ ତିଆରି କରିଥିବା ଲୁଗାକୁ ନାଙ୍ଗା ବୈଗା ନେଲା। ଏହାର ଲମ୍ବ ଷୋଳ ହାତ ଥିଲା। କିନ୍ତୁ ନାଙ୍ଗା ବୈଗାର ଦେହ ଏତେ ବିରାଟ ଥିଲା ଯେ ସେହି ଲୁଗା ତାର ଅଣ୍ଟା ତଳକୁ ମଧ୍ୟ ପାଇଲା ନାହିଁ। ସେହି ଲୁଗାକୁ ପିନ୍ଧିବା ପାଇଁ ସେ ଗୋଟିଏ ଅଣ୍ଟାବନ୍ଧା ଖୋଜିଲା। କିନ୍ତୁ ସାରା ପୃଥିବୀରେ ସେତେବେଳେ କେଉଁଠି ହେଲେ ଦଉଡ଼ା ନଥିଲା। କଇଁଛ ସାଥିରେ ମର୍ତ୍ତ୍ୟକୁ ଆସିଥିବା ତୃତୀୟ ପ୍ରହରୀ କୋଇଲା ସାପକୁ ତାର ଅଣ୍ଟାରେ ଗୁଡ଼େଇ ବାନ୍ଧିଦେଲା। ତାପରେ ସେହି କପଡ଼ାକୁ ଲେଙ୍ଗୁଡ଼ି କରି ଭାଙ୍ଗି ଅଣ୍ଟାର ଆଗପଟୁ ନେଇ ପଛପଟେ ଖୋସି ଦେଲା। ନାଙ୍ଗା ବୈଗାର ଦେହ ଏତେ ବିଶାଳ ଥିଲା ଯେ ତା ପିନ୍ଧିବା ପାଇଁ କପଡ଼ା ବହୁତ ଛୋଟ ଥିଲା। ସେ ତାକୁ ଅଣ୍ଟାରେ ଖୋସି ଆଗରେ କେବଳ ଝୁଲେଇ ଦେଲା।



ପବନ ଦେବତା ତାକୁ ଦେଖି ଚକିତ ହେଲେ, "କି ପ୍ରକାଣ୍ଡ ଶରୀର !"

ଏବେ ନାଙ୍ଗା ବୈଗା ଜାତି ସଭାକୁ ଯିବାପାଇଁ ପ୍ରସ୍ତୁତ ହୋଇଗଲା । ବାଟରେ ଗଲାବେଳେ ମନଇଚ୍ଛା ରହି ରହି ଯାଉଥାଏ । ପବନ ଦେବତା ତା ପଛକୁ ଫୁଙ୍କି ଠେଲିଲେ । କହିଲେ, "ଚାଲ, ଶୀଘ୍ର ଚାଲ ।"

କିନ୍ତୁ ନାଙ୍ଗା ବୈଗା କମା ଚଙ୍କିଲା ନାହିଁ । ବିଳମ୍ବ ହେବାରୁ ପବନ ଦେବତା ଗୋଟିଏ ବାକ୍ସ ତିଆରି କରି, ନାଙ୍ଗା ବୈଗାକୁ ତାଉପରେ ବସିବା ପାଇଁ କହିଲେ । ପବନ ଦେବତା ତାକୁ ଉପରେ ଉଡ଼ାଇ ଉଡ଼ାଇ ନେଇ ପାଣ୍ଡବ ଭାଇମାନେ ଅପେକ୍ଷା କରିଥିବା ସ୍ଥାନରେ ପହଁଚାଇ ଦେଲେ ।

ଚବିଶ ମାଇଲ ଦୂରରୁ ଧରଣୀମାତା ନାଙ୍ଗା ବୈଗାକୁ ଦେଖି ତାଙ୍କ କେଶ ସଜାଡ଼ି ଦେଲେ । ଧରଣୀ ମାତାଙ୍କୁ ନାଙ୍ଗା ବୈଗା ଛଅ ମାଇଲ୍ ଦୂରରୁ ଦେଖି ପବନ ଦେବତାଙ୍କୁ ରଖିବା ପାଇଁ କହିଲା ।

"ମୁଁ ଆଉ ବାଟତକ ଚାଲି ଚାଲି ଯିବି ।"

ଧରଣୀମାତା ନାଙ୍ଗା ବୈଗାକୁ ଦୂରରୁ ଦେଖି ପଚାରିଲେ, "ନାଙ୍ଗା ବୈଗା କେଉଁଠାରୁ ଏ ଲେଙ୍ଗଟା ପାଇଲୁ ? ଆଗରୁ ତୁ ତ ଲଙ୍ଗଳା ଥିଲୁ ।"

ନାଙ୍ଗା ବୈଗା ତାଙ୍କ କଥା ଶୁଣି କହିଲେ, "ତୁମ ଆଦେଶରେ ଭଗବାନଙ୍କ ଇଚ୍ଛାରୁ ଏହାକୁ ପାଇଲି ।"

ତାପରେ ଧରଣୀମାତା କହିଲେ, "ମୁଁ ଏବେ ମଧ୍ୟ ଲଙ୍ଗଳା । ମୁଁ ତୋର ସ୍ତ୍ରୀ ହେବାକୁ ଚାହୁଁଛି ।"

ନାଙ୍ଗା ବୈଗା ଏକଥା ଶୁଣି ତାର ଲେଙ୍ଗେଟା ଖୋଲି ଧରଣୀମାତାଙ୍କ ଉପରକୁ ଫୋପାଡ଼ି ଦେଲା । ଧରଣୀମାତା



Indian Institute of Advanced Study
Acc. No. 142984
Date

ତାକୁ ଗୋଟେ ପଦ୍ମ ପତ୍ର ଦେଲେ ପିନ୍ଧିବା ପାଇଁ । ନାଙ୍ଗା ବୈଗା ସେଥିରୁ ଅଧା ଚିରି ତାର ସ୍ତ୍ରୀ ନାଙ୍ଗା ବୈଗିନୀ ପାଇଁ ରଖିଲା । ସେହି ପତ୍ର ଏତେ ବଡ଼ ହୋଇଗଲା ଯେ ଉଭୟଙ୍କ ପିନ୍ଧା ଲୁଗା ପାଇଁ ଯଥେଷ୍ଟ ହେଲା ।

ତାପରେ ନାଙ୍ଗା ବୈଗା ବିନମ୍ର ହୋଇ କହିଲା, "ଧରଣୀମାତା, ତୁମକୁ ମୋର ପ୍ରଣାମ ।"

ଧରଣୀମାତା କହିଲେ, "ତୁମକୁ ମୋର ଆଶୀର୍ବାଦ, ମୋତେ ତୁମେ ପୂଜା ଦେବ ।"

ନାଙ୍ଗା ବୈଗା କହିଲା, "ହଁ, ମୁଁ ତୁମକୁ ନିଶ୍ଚୟ ପୂଜା କରିବି ।" ଧରଣୀମାତା ଆଦେଶ ଦେଲେ, "ମୋତେ ଗୋଟିଏ କଳା ଗଞ୍ଜା, କଳା କୁକୁଡ଼ା ବଳି ଦେବୁ । ବୋତଲେ ମଦ ଦେବୁ ।" ନାଙ୍ଗା ବୈଗା କହିଲା, "ତୁମେ ଯଦି ପୃଥିବୀରେ ରହିବ, ମୁଁ ଏସବୁ ପୂଜା ତୁମର ପାଳନ କରିବି ।"


ଧରଣୀମାତା କହିଲେ, "ହଁ, ମୁଁ ଏଠି ରହିବି । କିନ୍ତୁ ତୋର ସ୍ତ୍ରୀ କେଉଁଠି ?"

ନାଙ୍ଗା ବୈଗା କହିଲା, "ସେ ଏବେ ମଧ୍ୟ ସମୁଦ୍ର ଭିତରେ ଅଛି ।"

ଧରଣୀମାତା କହିଲେ, "ଏବେଠାରୁ ମୁଁ ମଧ୍ୟ ତୋର ସ୍ତ୍ରୀ ହେବାକୁ ଚାହେଁ । ମୋତେ ଯଦି ତୋ ସାଥୀରେ ରହିବାକୁ ଚାହୁଁ ତେବେ ତୋର ଡାହାଣ ହାତ କାଣି ଆଙ୍ଗୁଠି କାଟି ଚାରି ଭାଗ କରିବୁ ଏବଂ ନଖକୁ ଚାରିଭାଗ କରି ପୃଥିବୀର ଚାରି କଣରେ ପକାଇବୁ । ତେବେ ମୁଁ ତୋ ସାଥିରେ ସବୁଦିନ ପାଇଁ ରହିବି ।"

ସେତେବେଳେ ନାଙ୍ଗା ବୈଗାର ପ୍ରତି ହାତରେ ଛଅଟି ଲେଖାଏଁ ଆଙ୍ଗୁଠି ଥିଲା । ତାର କାଣି ଆଙ୍ଗୁଠିଟି ହାତେ ଲମ୍ବ ଥିଲା । ସେହି କାଣି ଆଙ୍ଗୁଠିକୁ କାଟି ଚାରି ଭାଗ କଲା । ତା ଉପରେ ନଖ ରଖି ପୃଥିବୀର ଚାରି କଣରେ ରଖିଲା । ତାପରେ ପ୍ରତି ନଖ ଉପରେ ଗୋଟିଏ ଲେଖାଁ ମଦ ବୋତଲ ଢାଳିଲା ।

ଏହାହିଁ ହେଉଛି ପୃଥିବୀରେ ନାଙ୍ଗା ବୈଗା ଓ ମାଟି ସୃଷ୍ଟିର କାହାଣୀ ।



# ନିଆଁ ଓ ଭୋକରୁ ମଣିଷର ମୁକ୍ତି

ପୃଥ୍ୱୀ ତିଆରି ଶେଷ ହେଲା । ଧରଣୀମା ସବୁଦିନ ପାଇଁ ପୃଥ୍ୱୀରେ ରହିଲେ । ସେତେବେଳେ ପୃଥିବୀରେ ଭୂମିଆ ମାନଙ୍କର ପୂର୍ବପୁରୁଷ ନାଙ୍ଗା ବୈଗା ଓ ନାଙ୍ଗା ବୈଗିନୀ । ପାଣ୍ଡବ ଭାଇମାନେ ଓ ଘୁଷୁରୀ ଜଗୁଥିବା ଡୋମାର୍‌ମାନେ କେବଳ ଥିଲେ । କିନ୍ତୁ ଡୋମାର ଛୋଟ ଜାତି ହୋଇଥିବାରୁ ତାଙ୍କ ହାତରୁ କେହି ଖାଦ୍ୟ ଗ୍ରହଣ କରୁନଥିଲେ ।

ପ୍ରଥମେ ମଣିଷମାନଙ୍କ ପାଖରେ ଶସ୍ୟ ନଥିଲା । କେବଳ ମାତା ଜାନକୀଙ୍କ ପାଖରେ ଥିଲା । ମାତା ଜାନକୀ ସୀତା ନାମରେ ପରିଚିତ ଥିଲେ । ସେ ରାମଙ୍କର ସ୍ତ୍ରୀ ଥିଲେ ଓ କୋଡ଼ିଆ ନଗ୍ରରେ ରହୁଥିଲେ ।

ମାତା ଜାନକୀଙ୍କର ଗୋଟିଏ ହାତରେ ଛଅଟି ଆଙ୍ଗୁଠି ଥିଲା । ସେଥିରୁ ସେ ଷଷ୍ଠ ଆଙ୍ଗୁଠିଟି କାଟି ମାଟିରେ ପୋତି ଦେଲେ । କିଛି ସମୟ ପରେ ସେହି ଆଙ୍ଗୁଠିରୁ ଗୋଟିଏ ବାଉଁଶ ଉଠିଲା । ସେହି ବାଉଁଶ ଗଣ୍ଠି ମଝି ଅଂଶ ପୋଲା ଥିଲା । ବାଉଁଶର ସେହି ଫମ୍ପା ନଳ ଭିତରେ କୋଡୋ, କୁଟ୍‌କୀ, ବର୍‌ବଟୀ, ଉର୍ଦ୍ଦ, ରାମତିଳ, ଧାନ, କୁଆର୍, ହରଡ଼, ମାଣ୍ଡିଆ, କାଙ୍ଗ, ବାଦ୍ରା ଓ ଝୁନ୍‌ଟ୍ରୁ ଆଦି ଶସ୍ୟ ଗୁପ୍ତରେ ରଖାଯାଇଥିଲା ।

ଦିନେ ଡୋମାର୍‌ର ଘୁଷୁରୀ ଚାନ୍ଦୁ ଜଙ୍ଗଲରେ ଖାଦ୍ୟ ଖୋଜି ବୁଲୁଥିଲା ବେଳେ ମାତା ଜାନକୀଙ୍କ ଆଙ୍ଗୁଠିରୁ ଉଠିଥିବା ବାଉଁଶକୁ ଦେଖିଲା । ସେହି ବାଉଁଶକୁ ସେ କାମୁଡ଼ି କଣା କରିଦେବାରୁ ସେଥିରୁ ସବୁ ଶସ୍ୟ ଗଳିଲା । ଘୁଷୁରୀ ବିସ୍ମିତ ହୋଇ କହିଲା, "ଏଇ ଶସ୍ୟ ! ମୁଁ ଏଠାକୁ ପ୍ରତିଦିନ ଖାଇବାକୁ ଆସିବି ।"

ଡୋମାର ଘୁଷୁରୀ ଅଡ଼ା ସଫା କରୁଥିବାବେଳେ ସେଠାରେ ଶସ୍ୟ ପଡ଼ିଥିବା ଦେଖିଲା । ଜଙ୍ଗଲରେ ଘୁଷୁରୀ ଯାଉଥିବା ବାଟକୁ ଅନୁସରଣ କରି ଯାଇ ଶେଷରେ ସେ ବାଉଁଶ ଗଛ ପାଖରେ ପହଞ୍ଚିଲା । ସେହି ବାଉଁଶକୁ ଦିଫଡ଼ା କରିଦେବାରୁ ସେଥିରୁ ସବୁତକ ଶସ୍ୟ ବାହାରିପଡ଼ିଲା । ସେ ଘରକୁ ଆସି ତାର ସବୁ ଜାତି ଭାଇମାନଙ୍କୁ ଡାକିନେଲା । ବାଉଁଶ ଭିତରେ ଏତେ ଶସ୍ୟ ଥିଲା ଯେ ସେମାନେ ସବୁ ମାସକ ପାଇଁ ବୋହି ଆଣି ଘରେ ଭର୍ତ୍ତି କରି ରଖିଲେ ।

ଏତିକିବେଳେ ନାଙ୍ଗା ବୈଗା ତାର ଭୋକ ମେଣ୍ଟାଇବାପାଇଁ ଜଙ୍ଗଲରେ ଫଳ, ମୂଳ, ପତ୍ର, ଫୁଲ, ଶାଗ ଖୋଜି ବୁଲୁଥିବା ବେଳେ ବାଉଁଶ ଫାଳ ପଡ଼ିଥିବା ଦେଖିଲା । ସେ ସେଥିରୁ କିଛି ବାଉଁଶ ଛେଲି ଆଣି ସେଥିରୁ ଟୋକେଇ, ପାଛିଆ ତିଆରି କଲା । ସେତେବେଳେ ଲୋକେ ଶସ୍ୟ ରଖିବାପାଇଁ ଟୋକେଇ ତିଆରି ଜାଣିନଥିଲେ । କେବଳ ନାଙ୍ଗା ବୈଗା ଜାଣିଥିଲା । ପରବର୍ତ୍ତୀ ସମୟରେ ଧୂଳିଆମାନେ ଟୋକେଇ ତିଆରି କରିବା ଶିଖିଲେ । ତାପରେ ଭୂମିଆମାନେ ନିଜ ବ୍ୟବହାର ପାଇଁ ବାଉଁଶ ଟୋକେଇ ତିଆରି କଲେ ଓ ଧୂଳିଆମାନଙ୍କ ପରି ହାଟରେ ବିକିବାରୁ ଅଜାତି ଏବଂ ଅଛୁଆଁ ଜାତି ଭାବରେ ପରିଚିତ ହେଲେ ।

ଯେତେବେଳେ ଲୋକମାନେ କୋଡ଼େ, କୁଟ୍‌କୀ ଓ ଅନ୍ୟାନ୍ୟ ଶସ୍ୟ ଚାଷ କରିବା ଶିଖିବାର ବହୁଦିନ ପରେ ଦୁଷ୍ଟ ହୋଇଗଲେ ଭଗବାନ ସମଗ୍ର ପୃଥିବୀକୁ ପୋଡ଼ି ଧ୍ୱଂସ କରିବାପାଇଁ ସ୍ଥିର କଲେ । ଏକଥା ପାଣ୍ଡବ ଭାଇମାନେ ଜାଣି ଭଗବାନଙ୍କୁ ପଚାରିଲେ, "ଭଗବାନ ! ତୁମେ ଯେବେ ପୃଥିବୀକୁ ଧ୍ୱଂସ କରିବ, ସେତେବେଳେ ଆମେ କେଉଁଠି ରହିବୁ ?"

ଭଗବାନ କହିଲେ, "ପୃଥିବୀ ଉପରେ ଗୋଟିଏ ଗାତ ଖୋଳି, ତା ଭିତରେ ଲୁଚିଯିବ । ପୃଥିବୀ ଥଣ୍ଡାହେଲେ ପରେ ବାହାରକୁ ଆସିବ ।"

ଡୋମାର୍‌ର ଘୁଷୁରୀ ଚାନ୍ଦୁ ଭବିଷ୍ୟତରେ ଘଟିବାକୁ ଥିବା ଭଗବାନଙ୍କର ଗୁପ୍ତ ଅଭିଳାଷ ବିଷୟରେ ଜାଣିପାରି ଡୋମାର୍‌କୁ କହିଲା, "ଭଗବାନ ସମଗ୍ର ପୃଥିବୀକୁ ପୋଡ଼ି ଦେବେ ।"

ଡୋମାର୍ କହିଲା, "ଯଦି ସବୁ ଜଳିଯାଏ, ତେବେ ମୁଁ କେମିତି ରକ୍ଷା ପାଇବି ? ମୋର ସବୁ ଶସ୍ୟ ପୋଡ଼ିଗଲେ, ତାପରେ ମୁଁ ଖାଇବି କ'ଣ ?"

ଘୁଷୁରୀ କହିଲା, "ତୋର ସବୁ ଶସ୍ୟ ଗୋଟିଏ ବଡ଼ ଥଳିରେ ପୁରାଇ ମୋ ପିଠିରେ ବାନ୍ଧିଦେବୁ । ତାପରେ ତୁ, ତୋର ପରିବାର, ବନ୍ଧୁବାନ୍ଧବ ସମସ୍ତେ ମୋ ପିଠି ଉପରେ ବସିଯିବ । ମୁଁ ତୁମମାନଙ୍କୁ ରକ୍ଷା କରିବି ।" ଏହାପରେ ଚାନ୍ଦୁ ମାଟିତଳେ ଗୋଟିଏ ବଡ଼ ଗାତ ଖୋଳିଲା, ତା' ଭିତରେ ସବୁ ଶସ୍ୟ ଏବଂ ଡୋମାର ଲୁଚିରହିଲେ ।

ପୃଥିବୀ ଧ୍ୱଂସ ହେବା ସମୟ ଆସିବାରୁ ଭୀମସେନ ଯେଉଁ ଲୁହାଛଡ଼ରେ ଜମିମାପ ହୁଏ, ସେହି ଛଡ଼କୁ ମାଟିରେ ପୋତି ଏପଟ ସେପଟ ବୁଲେଇ ଗୋଟିଏ ବଡ଼ ଗାତ ଖୋଳିଲା । ସେହି ଗାତ ବାଟ ଦେଇ ସେ, ତାର ଭାଇମାନେ ଏବଂ ମାତା କୋତ୍‌ମା ମାଟି ତଳକୁ ଚାଲିଗଲେ । ନାଙ୍ଗୀ ବୈଗା ଓ ନାଙ୍ଗୀ ବୈଗିନୀକୁ ମଧ୍ୟ ସେମାନେ ସାଥିରେ ନେଇଗଲେ ।

ତାପରେ ଭଗବାନ ପୃଥିବୀରେ ନିଆଁ ଲଗାଇଲେ । ଅଢ଼େଇ ଘଣ୍ଟା ମଧ୍ୟରେ ଗଛ, ପ୍ରାଣୀ, ମଣିଷ ସବୁ ଧ୍ୱଂସ ହୋଇଗଲା । କିଛି ସମୟ ପରେ ପୃଥିବୀ ଥଣ୍ଡା ହେବାରୁ ଡୋମାର, ତାର ପରିବାର, ଜ୍ଞାତି କୁଟୁମ୍ବ ଓ ଘୁଷୁରୀ ଗାତ ଭିତରୁ ବାହାରକୁ ବାହାରି ଆସିଲେ । ସେ ଘରକୁ ଯାଇ ତା ନିଜପାଇଁ ଗୋଟିଏ ନୂଆ ଘର ତୋଳିଲା ଏବଂ ପାଖରେ ରଖିଥିବା ଶସ୍ୟକୁ ସେମାନେ ଖାଇଲେ ।



ପାଣ୍ଡବ ଭାଇ, ସେମାନଙ୍କର ମାତା କୋତ୍‌ମା, ନାଙ୍ଗା ବୈଗା ଓ ନାଙ୍ଗା ବୈଗିନୀ ସେମାନଙ୍କ ଗାତରୁ ପଦାକୁ ବାହାରିଲେ। କିନ୍ତୁ ସେମାନଙ୍କର କିଛି ଖାଇବାକୁ ନଥିଲା। କାରଣ ଡୋମାର ପରି ସେମାନେ କୌଣସି ଶସ୍ୟ ପାଖରେ ରଖି ନଥିଲେ। ସବୁ ଜଳି ଯାଇଥିବାରୁ ପୃଥିବୀରେ କିଛି ଖାଇବାକୁ ନଥିଲା। ସେମାନେ କିଛି ଖାଇବାକୁ ନପାଇ ଛଅବର୍ଷ କାଳ ଭୋକ ଉପାସରେ ରହିଲେ। ଶେଷରେ ସେମାନଙ୍କୁ ଭୀଷଣ ଭୋକ ହେଲା।

ଭୀମସେନ ପୂର୍ବଦିଗରେ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ଅପେକ୍ଷା କଲା। ସୂର୍ଯ୍ୟଙ୍କୁ ସେ ପଚାରିଲା, "ଆମର କିଛି ଖାଇବାକୁ ନାହିଁ। ତୁମେ ଜାଣିଛ କି, କିଏ ଆମକୁ ଶସ୍ୟ ଦେଇ ପାରିବ ? ତୁମେ ତ ସାରା ପୃଥିବୀରେ ବୁଲୁଛ ଏବଂ ସବୁ ଦେଖୁଛ।"

ସୂର୍ଯ୍ୟ କହିଲେ, "ମୁଁ ଦେଖୁଛି, ଡୋମାର୍‌ର ଶସ୍ୟ ଅଛି।"

ଭୀମସେନ କହିଲା, "ଯଦି ଡୋମାର୍ ଶସ୍ୟ ରଖିଥିବା ସତ୍ୟ ହୁଏ, ତେବେ ଆଉଥରେ ଯାଇ ଦେଖିଆସ।"

ସୂର୍ଯ୍ୟ ଦେଖିଲେ, ଡୋମାର୍ ଘରେ ବହୁତ ଶସ୍ୟ ଅଛି, ତେଣୁ ସେ ଭୀମସେନକୁ ଜଣେଇ ଦେଲେ।



ଭୀମସେନ ସାଙ୍ଗେ ସାଙ୍ଗେ ଚବିଶି ମାଇଲ୍ ବାଟ ଅସୁରଭଳି ପାହୁଣ୍ଡ ପକାଇ ଡୋମାର ପାଖରେ ପହଞ୍ଚିଲା।

ସେ ଡୋମାର୍‌କୁ ଅନୁରୋଧ କରି କହିଲା, "ଭାଇ, ମୋତେ କିଛି ଶସ୍ୟ ଦେ।"

ଡୋମାର୍ ରାଜା କହିଲା, "ତୁମେ କିଛି ଶସ୍ୟ ଧାର୍ ସ୍ୱରୂପ ନେଇ ପାର। କିନ୍ତୁ ସବୁ ମୋତେ ଫେରେଇବ। ଯେତିକି ନେବ ସେତିକି ଫେରେଇବ। ଯଦି ତୁମେ ଧାନ ମାଣ ମୁହଁଯାଏ ନେବ ସେହି ମୁହଁଯାଏ ଫେରେଇବ। ଯଦି ପୁରା ମାଣର ମୁହଁ ଉପରଯାଏ ନେବ ସେହି ମୁହଁ ଉପରଯାଏ ଦେଇ ଫେରେଇବ।"

ଭୀମସେନକୁ ଭୋକ ହେଉଥିବାରୁ ସବୁ ସର୍ତ୍ତ ପୂରଣ କରିବାପାଇଁ ଶପଥ କଲା।

ସୂର୍ଯ୍ୟ ସାକ୍ଷୀ ରହି ଶପଥ କରି କହିଲେ, "ଯଦି ପାଣ୍ଡବ ଭାଇମାନେ ଶସ୍ୟ ନଫେରାନ୍ତି, ତେବେ ମୁଁ ଫେରେଇ ଦେବି।"

ଚନ୍ଦ୍ର ମଧ୍ୟ ସାକ୍ଷୀ ରହିଲେ। କେବଳ ପାଣ୍ଡବ ଭାଇମାନଙ୍କ ପାଇଁ ନୁହେଁ, ନାଙ୍ଗା ବୈଗା ଓ ନାଙ୍ଗା ବୈଗିନୀଙ୍କ ପାଇଁ ମଧ୍ୟ। ତାପରେ ଡୋମାର୍ ରାଜା କହିଲା,

"ମୁଁ ତୁମକୁ ଶସ୍ୟ ଦେବି। କିନ୍ତୁ ପ୍ରଥମେ ତୁମକୁ ମୋ ସାଥିରେ ଖାଇବାକୁ ପଡ଼ିବ।"

ଭୀମସେନ କହିଲା, "ମୁଁ ତୁମ ସହିତ ଖାଇବି କେମିତି ?

ତୁମେ ଅଲଗା ଜାତି। ତେବେ ଏ ବିଷୟରେ ମୋ ମାତା କୋତ୍‌ମାଙ୍କୁ ପଚାରି ଆସେ।"


ସେ ଘରକୁ ଆସି ତାର ଭାଇ ଓ ମାଆକୁ କହିଲା,

"ଡୋମାର୍ ଶସ୍ୟ ଦେବାକୁ ରାଜି ହେବ ଯଦି ଆମେ ପ୍ରଥମେ ତା ସହିତ ଖାଇବା।"

ମାତା କୋତମା କହିଲେ, "ହଁ ! ତାହା ତ ଠିକ୍। ତୁମେ ସମସ୍ତେ ପ୍ରଥମେ ତା ସହିତ ଖାଇପାର।"

କିନ୍ତୁ ଭୀମସେନ କହିଲା, "ମୁଁ ପବନ ଦେବତାକୁ ଡାକିବି, ସେ ଆମ ପତ୍ରରୁ ଖାଦ୍ୟ ସବୁ ଉଡ଼େଇ ନେବ।"

ସମସ୍ତେ ଡୋମାର୍ ଘରେ ଭୋଜିକୁ ନିମନ୍ତ୍ରଣ ହୋଇ ଗଲେ। ଡୋମାର୍‌ର ବହୁତ ଘୁଷୁରୀ ଥିଲେ, ଯେଉଁମାନେ ପୃଥିବୀ ପ୍ରଳୟରୁ ରକ୍ଷା ପାଇ ଯାଇଥିଲେ। ଚାନ୍ଦୁ ଘୁଷୁରୀ ପ୍ରଥମେ ଗାତ ଭିତରକୁ ଗଲାବେଳେ ଏମାନେ ତା ପଛରେ ଯାଇ ରହି ଯାଇଥିଲେ। ସେହି ଘୁଷୁରୀମାନଙ୍କ ମଧ୍ୟରୁ ଡୋମାର୍ ଗୋଟିଏ କାଟିଲା ଏବଂ ତାର ସ୍ତ୍ରୀ ପାଣ୍ଡବଭାଇମାନଙ୍କ ପାଇଁ ଭାତ, ଘୁଷୁରୀ ମାଂସ ରାନ୍ଧିଲା। ଖାଦ୍ୟ ପ୍ରସ୍ତୁତ ହୋଇ ସାରିବା ପରେ ଡୋମାର୍‌ର ସ୍ତ୍ରୀ ସମସ୍ତଙ୍କୁ ପତ୍ର ଠୋଲାରେ ଭାତ ପରଷିଲା। ଡୋମାର ନିଜେ ଘୁଷୁରୀ ମାଂସ ପରଷିଲା। କିନ୍ତୁ ପାଣ୍ଡବ ଭାଇମାନେ ଓ ସେମାନଙ୍କର ମାତା କୋତ୍‌ମା ଖାଇଲେ ନାହିଁ। କେମିତି ଖାଇବେ ସେମାନେ ? ଯେହେତୁ ସେମାନେ ଅନ୍ୟ ଜାତିର। କେବଳ ନାରାୟଣ ଦେବ ଛୋଟ ପିଲାଟିଏ ହୋଇଥିବାରୁ ମୁଠାଏ ଭାତ ଓ ଖଣ୍ଡେ ଘୁଷୁରୀ ମାଂସ ନେଇ ଖାଇଲା। ଭୀମସେନ ପବନ ଦେବତାକୁ ଡାକିବାରୁ ଘୂର୍ଣ୍ଣିବାତ୍ୟାରେ ଥାଳିରୁ ସବୁ ଖାଦ୍ୟ ଉଡ଼ିଗଲା। ପାଣ୍ଡବଭାଇମାନେ ଛଳନା କଲେ ଯେ ସେମାନେ ସବୁ ଖାଦ୍ୟ ଖାଇ ଦେଇଛନ୍ତି। କିନ୍ତୁ ନାଙ୍ଗା ବୈଗା ମୋଟେ ଛଳନା କଲାନାହିଁ। ସେ ସବୁବେଳ



ପାଇଁ ସେମିତି ବସିଥିଲା । ତାକୁ କେହି କହିନଥିବାରୁ ସେ ଖାଦ୍ୟ ଛୁଇଁ ନଥିଲା । ତା ଖାଦ୍ୟକୁ ମଧ୍ୟ ପବନ ଦେବତା ଉଡ଼ାଇ ନେଲା ।

ଏବେ ଡୋମାର୍ ବିଶ୍ୱାସ କଲା ସେମାନେ ତାର ସର୍ତ୍ତ ପୂରଣ କରି ଭୋଜିରେ ଯୋଗ ଦେଲେ । ତେଣୁ ସେ ସେମାନଙ୍କୁ କିଛି ଶସ୍ୟ ଦେଲା । ଘରକୁ ଫେରି ମାତା କୋତ୍‌ମା ତାର ପୁଅମାନଙ୍କୁ ପଚାରିଲା, "ଡୋମାର୍ ଦେଇଥିବା ଖାଦ୍ୟକୁ ତୁମ ଭିତରୁ କିଏ ଖାଇଛି କି ?"

ଛୋଟ ବାଳକ ନାରାୟଣ ଦେବ ଛଅ ବର୍ଷ ହେଲା କୌଣସି ଖାଦ୍ୟ ଖାଇନଥିବାରୁ ସେ ବଡ଼ ଭାଇମାନଙ୍କ ଠାରୁ ଭୋକିଲା ଥିଲା । ସେ କହିଲା, "ଡୋମାର୍ ଦେଇଥିବା ଖାଦ୍ୟ ମୁଁ ଖାଇଛି ।" ଏଣୁ ପାଣ୍ଡବ ଭାଇମାନେ କହିଲେ, "ତୁ ଯେହେତୁ ଡୋମାର୍ ହାତରୁ ଖାଦ୍ୟ ଖାଇଲୁ, ଆମ ସହିତ ବେଶିଦିନ ରହି ପାରିବୁ ନାହିଁ । ଏଇ ବର୍ତ୍ତମାନ ଠାରୁ ଆମ ପାଖରୁ ଯାଇ ଅଲଗା ଖାଅ ।"

ନାରାୟଣ ଦେବ କହିଲେ, "ମୋତେ କିଏ ଖାଇବାକୁ ଦେବ ?" ପାଣ୍ଡବ ଭାଇମାନେ କହିଲେ, "ଲୋକମାନଙ୍କ ଘରକୁ ଯାଅ । ସେମାନେ ତୁମକୁ ପୂଜା କରିବେ । ଦୁଆର ବନ୍ଧ ପାଖରେ ଘୁଷୁରୀ ବଳି ଦେବେ ତୁମକୁ । ସେଇ ଘୁଷୁରୀ ତୁମେ ଖାଇବ ।" ନାରାୟଣ ଦେବ କହିଲେ, "ମୋ ପାଇଁ ଘୁଷୁରୀ ବଳି ଦେବାକୁ ମୁଁ ଲୋକମାନଙ୍କୁ କିପରି କହିବି ।"

ପାଣ୍ଡବଭାଇମାନେ କହିଲେ, "ତମେ ରୋଗ ପଠାଇ ସେମାନଙ୍କ ଘୁଷୁରୀମାନଙ୍କୁ ମାରିଦେବ । ତାପରେ ସେମାନେ ଏହାର କାରଣ ନାଙ୍ଗା ବୈଗା ସହିତ ପରାମର୍ଶ କରିବେ । ସେ ତୁମପାଇଁ ଘୁଷୁରୀ ବଳି ଦେବାକୁ କହିବ । ବଳି ହେଲେ ଘୁଷୁରୀମାନେ ରୋଗରୁ ରକ୍ଷା ପାଇବେ ।"

ନାରାୟଣ ଦେବ ଡୋମାର ଘରକୁ ଯାଇ ତା ଘର ଦୁଆର ଏରୁଣ୍ଡିବନ୍ଧ ପାଖରେ ରହିଲେ । ତାଙ୍କୁ ଯେତେବେଳେ ଭୋକ କଲା, ସେ ଡୋମାର୍‌ର ଗୋଟିଏ ଘୁଷୁରୀକୁ ରୋଗ ଧରାଇଲେ । କିଛି ସମୟପରେ ଆଉ ଗୋଟିଏ ଘୁଷୁରୀକୁ ରୋଗ ଧରିଲା ଏବଂ ସେ ମଲା । ଯେତେବେଳେ ତୃତୀୟ ଘୁଷୁରୀକୁ ରୋଗ ଧରିଲା, ଡୋମାର୍ ଡରିଯାଇ ଭବିଷ୍ୟବକ୍ତା ନାଙ୍ଗା ବୈଗାକୁ ପଚାରିଲା ।



ନାଙ୍ଗା ବୈଗା ତାର କୁଲା ଏବଂ ଲାଉ ତୁମ୍ବା ନେଇ ତାର ମନ୍ତ୍ର ଆରମ୍ଭ କଲା । କୁଲା ତଳେ କୋଠାରୀ ଶସ୍ୟକୁ ହାତ ପାପୁଲିରେ ଧରି ଘଷିଲା । ସେ ଭଗବାନଙ୍କୁ ଡାକି ପଚାରିଲା, କାହିଁକି ଡୋମାରର ଘୁଷୁରୀ ଉପରକୁ ରୋଗ ଛାଡ଼ିଛନ୍ତି । ଯେତେବେଳେ ସେ ନାରାୟଣ ଦେବଙ୍କୁ ଡାକିଲା, ଖଟ୍ ଖଟ୍ ଶୁଭିଲା ଏବଂ ତାର ଅନ୍ୟ ହାତରେ ଥିବା ଲାଉ 'ଖୋଳ' ଝଣ ଝଣ ହେଲା । ନାଙ୍ଗା ବୈଗା ଡୋମାର୍‌କୁ କହିଲା, ନାରାୟଣ ଦେବ ତୋର ଘୁଷୁରୀ ଉପରକୁ ରୋଗ ଛାଡ଼ିଛି । ଘରର ମୁଖ୍ୟ ଫାଟକ ଏରୁଣ୍ଡିବନ୍ଧ ପାଖରେ ଭଗବାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୋଟିଏ ଘୁଷୁରୀ ବଳି ଦେବାକୁ କହିଲା । ଏହି ବଳିର ନାମ ଘୁଷୁରୀ ବିଭା ବା "ଲରୁ କାଜ୍" ।

ଡୋମାର୍ ନାଙ୍ଗା ବୈଗାର ଉପଦେଶ ମାନି ତା ଘର ଏରୁଣ୍ଡି ବନ୍ଧ ଉପରେ ଗୋଟିଏ ଘୁଷୁରୀ ବଳି ଦେଲା । ବଳିଦେବା ପୂର୍ବରୁ ପ୍ରଥମେ ଗୋଟିଏ ବଡ଼ ଛକି କାଠ ନେଲେ । ଦୁଇ ଜଣ ଲୋକ ଛକି କାଠର ଦୁଇ ଶେଷ ମୁଣ୍ଡରେ ଠିଆହୋଇ ସଂଗ୍ରାମରତ ବଳି ପଶୁକୁ ନେଇ ସେଇ ଛକ ମଝିରେ ରଖି ହଣାଯାଏ ।

ବହୁ ଦିନରୁ ଗଣ୍ଡଜ୍ୱାନାର ଅଧିବାସୀମାନେ ଏହି ଭାବରେ ଲରୁକାଜ୍ ପାଳନ କରି ଆସୁଛନ୍ତି । ପ୍ରତିଦିନ କିମ୍ବା ପାଞ୍ଚ ବର୍ଷ ଅନ୍ତରରେ ନାରାୟଣ ଦେବ ଯେତେବେଳେ ବଳି ଖୋଜନ୍ତି, ସେ ରୋଗ ପଠାନ୍ତି କିମ୍ବା ପରିବାର ଉପରେ କିଛି ଦୁର୍ଭାଗ୍ୟ ପକାନ୍ତି । ଲରୁ କାଜ ବାକିଥିବା ଏଥିରୁ ଜଣାଯାଏ । ସେତେବେଳେ ଲୋକେ ବଳି ଦେଇ ଦିଅନ୍ତି । ରୋଗ ବନ୍ଦ ହୋଇଯାଏ ।

ପାଣ୍ଡବ ଭାଇମାନେ ଡୋମାର୍‌ଠାରୁ ଧାର୍ ଆଣିଥିବା ଶସ୍ୟ ଖାଇ ସ୍ୱପ୍ନରେ ସୁଦ୍ଧା ଫେରାଇବାକୁ ଚାହିଁଲେ ନାହିଁ । ଗୌଣୀତଳେ କଣା କରି ଶସ୍ୟ ପୂର୍ଣ୍ଣ କରିଥିଲେ । ଗୌଣୀ ତଳୁ ସଂଗ୍ରହ କରିଥିବା ଶସ୍ୟକୁ ସେ ନେଇଥିବା ଶସ୍ୟର ଅଧା ଫେରେଇ ଦେଲେ । ଆଉ ଅର୍ଦ୍ଧେକ ଶସ୍ୟ ଫେରାଇଲେ ନାହିଁ । ଡୋମାର୍ ସୂର୍ଯ୍ୟ ଚନ୍ଦ୍ରକୁ ସାକ୍ଷୀଦେଇ ତାର ଶସ୍ୟ ଫେରାଇଦେବା ପାଇଁ ଦାବି କଲା । ପାଣ୍ଡବଭାଇ ଓ ନାଙ୍ଗା ବୈଗା ପାଇଁ ଚନ୍ଦ୍ର ଓ ସୂର୍ଯ୍ୟ ସାକ୍ଷୀ ଅମାନତ ରଖିଥିଲେ । ସେହିଦିନୁ ଚନ୍ଦ୍ର ଓ ସୂର୍ଯ୍ୟକୁ ଅନ୍ଧାର ଘୋଡ଼େଇ ଦିଏ । ପରାଗ ଶେଷ ନହେବା ପର୍ଯ୍ୟନ୍ତ ଭୂମିଆମାନେ ଭାତ ଖାଆନ୍ତି ନାହିଁ । ସେହି କାରଣରୁ ସବୁ ଲୋକେ ପରାଗ ସମୟରେ ଉଦ୍ଧାର କର ଉଦ୍ଧାର କର ବୋଲି ଡାକ ଛାଡ଼ନ୍ତି । ଡୋମାର କିଛି ସମୟ ପରେ ଚନ୍ଦ୍ର ଓ ସୂର୍ଯ୍ୟକୁ ମୁକ୍ତ କରିଦିଏ । ଭୂମିଆମାନେ କେବଳ ଚନ୍ଦ୍ରକୁ ଛାଡ଼ିଦେବା ପାଇଁ ଚିତ୍କାର କରନ୍ତି । କିନ୍ତୁ ସେମାନେ ହିନ୍ଦୁମାନଙ୍କ ପରି କୌଣସି ଦାନ ବା ପୂଜା ପାଳନ କରନ୍ତି ନାହିଁ ।



# ଯାଦୁ ମୁଦ୍ରିକା

ଗୋଟିଏ ସହରରେ ଜଣେ ଗଣ୍ଡ ରାଜା ଥିଲା । ସେହି ସହରରେ ଧୁରୁଓ୍ୱା ନାମରେ ଜଣେ ଭୂମିଆ ଥିଲା । ସେ ଭଲ ନାଚି ପାରୁଥିଲା ଏବଂ ଗାଇ ପାରୁଥିଲା ।

ରାଜା ଧୁରୁଓ୍ୱାକୁ ଡାକି କହିଲେ, "ଚାଲ ଧୁରୁଓ୍ୱା, ପଡ଼ୋଶୀ ସହରରେ ଗୋଟିଏ ଭୋଜିରେ ନାଚିବାକୁ ଯିବା ।"

ଭୂମିଆ ପୁରୋହିତ କହିଲେ, "ସେଠିକି ଯିବାପାଇଁ ମୋର କୌଣସି ଭଲ ଲୁଗାପଟା ନାହିଁ । ନାଇଲନ୍ ଲୁଗା, ପଗଡ଼ି, କୋଟ୍, ସାର୍ଟ କିଛି ନାହିଁ ।"

ରାଜା କହିଲେ, "ତୁ ଯାହା ଚାହିଁବୁ, ମୁଁ ତାହା ଦେବି । ସୁନ୍ଦର ନାଇଲନ୍ ଲୁଗା, ପଗଡ଼ି ନୃତ୍ୟ ପାଇଁ ଯାହା କିନିଷ ଦରକାର ଦେବି । ସୁନା, ରୂପା, ଅଳଙ୍କାର, ମୁକ୍ତା ହାର, ରୂପାର ଚେନ୍ ମୁଦି ସବୁ ଦେବି । ତୁ ଜଣେ ରାଜା ପରି ଦେଖାଯିବୁ ।"

ଧୁରୁଓ୍ୱା ସବୁ ପୋଷାକ ପିନ୍ଧି ରାଜାଙ୍କ ସହିତ ଅନ୍ୟ ସହରକୁ ନାଚିବା ପାଇଁ ଗଲା । ସେଠାରେ ସେମାନେ ପହଞ୍ଚି ଦେଖିଲେ ଭୋଜି ଏବଂ ନୃତ୍ୟ ପୁରା ଦମ୍‌ରେ ଚାଲିଥାଏ । ରାଜା ଏବଂ ତାଙ୍କର ପୁରୋହିତ ଧୁରୁଓ୍ୱା ନାଚରେ ଯୋଗ ଦେଲେ । ଧୁରୁଓ୍ୱା ସୁନ୍ଦର ପୋଷାକ ପିନ୍ଧି ଭଲ ଗୀତ ଗାଇଲା ଏବଂ ନାଚିଲା । ସେହି ସହର ରାଜକନ୍ୟା ଧୁରୁଓ୍ୱା ପ୍ରତି ଆକୃଷ୍ଟ ହେଲା ତାର ସୁନ୍ଦର ଗୀତ ଏବଂ ନାଚ ଦେଖି ।

ସେମାନେ ରାଜାଙ୍କୁ ପଚାରିଲେ, "କିଏ ସେହି ରାଜକୁମାର ଯିଏ ଏତେ ସୁନ୍ଦର ଗୀତ ଗାଉଛି ଏବଂ ନାଚୁଛି । ଆମେ ତାଙ୍କୁ ତ ପୂର୍ବରୁ କେବେ ଦେଖିନାହୁଁ ।"

ରାଜା ତାଙ୍କ ପୁରୋହିତର ଦୈନ୍ୟତା ପ୍ରକାଶ କଲେ ନାହିଁ । ସେ ତାକୁ ତାଙ୍କ ନିଜର ପୋଷାକ ସବୁ ଉଧାର ଦେଇଛନ୍ତି ବୋଲି କହିଲେ ନାହିଁ ।

ରାଜା କହିଲେ, "ସେ ମୋର ସାନଭାଇ ।"

ସେ ସହରର ରାଜାଙ୍କର ଦୁଇ ଝିଅ ଥିଲେ । ବଡ଼ ଭଉଣୀ ବଡ଼ ରାଜକୁମାରକୁ ଏବଂ ସାନ ଭଉଣୀ ସାନ ରାଜକୁମାରକୁ ବିଭା ହେବାପାଇଁ ମନରେ ଠିକ୍ କଲେ ।

ବହୁତ ସମୟ ନାଚିବାପରେ ଭୂମିଆ ପୁରୋହିତକୁ ଗରମ ଲାଗିଲା ଏବଂ ସେ ଥକି ପଡ଼ିଲା । ତେଣୁ ସେ ଗାଧୋଇବାକୁ କହିଲା । ସମସ୍ତେ ଯେଉଁଠି ଗାଧୋଉଥିଲେ ସେଠାକୁ ନଯାଇ ସେ ରାଜାଙ୍କ ସାଥିରେ ଅଲଗା ଗୋଟିଏ ଏକୁଟିଆ ଜାଗାରେ ଗାଧୋଇବାକୁ ଗଲା । ଯେଉଁଠି ଅନ୍ୟ ସବୁ ଜାତିମାନେ ଗାଧୋଉଥିଲେ, ସେଠାରେ ସେ ଗାଧୋଇବାପାଇଁ ଇଚ୍ଛା କଲା ନାହିଁ ।

ତାପରେ କିଛି ସମୟ ପରେ ସେ ଦୁଇ ରାଜକନ୍ୟା ଏମାନଙ୍କ ପାଇଁ ଖାଇବାକୁ ଜିନିଷ ଆଣି ଆସିଲେ । ସେଇଠି ଏ ଦୁଇଜଣ ଦୁଇ ରାଜକନ୍ୟାଙ୍କୁ ନେଇ ପଳେଇବା ପାଇଁ ଭାବିଲେ । ରାଜା ବଡ଼ ରାଜକନ୍ୟାକୁ ନିଜର ସ୍ତ୍ରୀ ଭାବରେ ବାଛିଲେ । ଭୂମିଆ ସାନ ରାଜକନ୍ୟାକୁ ବାଛିଲା । ସେ ଦୁହେଁ ଏ ଦୁଇ ରାଜକନ୍ୟାଙ୍କୁ ସାଥିରେ ନେଇ ତାଙ୍କ ନିଜ ସହରକୁ ଲୁଚି ପଳେଇଲେ ।

ସେମାନେ ତାଙ୍କ ସହରରେ ପହଞ୍ଚିଗଲେ । ସହର ବାହାରେ ଥିବା ଗୋଟିଏ ଛୋଟିଆ କୁଡ଼ିଆ ଘର ପଡ଼ିଲା ।

ଭୂମିଆ ତାର ସାନ ରାଜକନ୍ୟା ସ୍ତ୍ରୀକୁ କହିଲା, "ଏଇ ମୋର ଘର ।"

ରାଜକୁମାରୀ ଭାବିଲା ତା ସାଥିରେ ମଜା କରୁଛନ୍ତି, ତେଣୁ ସେ ହସିଲା ।

ରାଜକୁମାରୀ ପଚାରିଲା, "ତମର କଣ ଏଇ ଘର ? ନାଁ, ତୁମେ ମଜା କରୁଛ । ଏହା ଏଇ ବଗିଚାର ଜଗୁଆଳିର ଘର ।"

ଭୂମିଆ କହିଲା, "ନାଁ, ପ୍ରକୃତରେ ଏଇ ମୋର ଘର । ମୁଁ ରାଜା ନୁହେଁ, ମୁଁ ଜଣେ ଗରିବ ଭୂମିଆ ପୁରୋହିତ ।"

ରାଜକୁମାରୀ ମନେ ମନେ ଭାବିଲା, "ହେ ଭଗବାନ, ମୁଁ କଣ କରିବି । ଯାଉଚି, ମୁଁ ଦୌଡ଼ି ଘରକୁ ପଳେଇବି । ମୁଁ ଏ ଭୂମିଆ ସାଥିରେ ଲୁଚି ପଳେଇ ଆସିଲି, ମୋ ବାପା ମୋ ଉପରେ ରାଗିବେ ।"

ତା ବାପା ଭୟରେ ସେ ଏହି ଗରିବ ଭୂମିଆ ପୁରୋହିତ ପାଖରେ ରହିବାକୁ ଠିକ୍ କଲା ।



ଭୂମିଆ ରାଜାଙ୍କ ଠାରୁ ବିଦାୟ ନେଇ ଆସିବା ବେଳେ ଉଧାର ନେଇଥିବା ପୋଷାକ ଅଳଙ୍କାର ସବୁ ଫେରାଇ ଦେବା ପାଇଁ ରାଜା ତାକୁ କହିଲେ । ଭୂମିଆ ତାର ସବୁ ଲୁଗାପଟା ଖୋଲି ରାଜାଙ୍କୁ ଦେଇ ଦେଲା । ନିଜ ପାଖରେ ଥିବା ଖାଲି ଲେଙ୍ଗୁଟି ଖଣ୍ଡେ ମାରି ଆସିଲା ।

ଭୂମିଆକୁ ଫୁଙ୍ଗୁଳା ଦେଖି ତାର ସ୍ତ୍ରୀ ପଚାରିଲା, "ତୁମର ସୁନ୍ଦର ପୋଷାକ, ଅଳଙ୍କାର ସବୁ କୁଆଡ଼େ ଗଲା । ଖାଲି ଦେହରେ ଯିବାକୁ ତୁମକୁ ଲାଜମାଡୁନି !"

ସେ କହିଲା, "ମୋର ଏହି ଲେଙ୍ଗୁଟି ଛଡ଼ା ଆଉ କିଛି ନାହିଁ । ନୃତ୍ୟ କଲା ବେଳେ ଯାହାସବୁ ପିନ୍ଧିଥିଲି ସେଗୁଡ଼ିକ ରାଜାଙ୍କର । ମୁଁ ସେସବୁ ତାଙ୍କୁ ଫେରେଇ ଦେଲି ।"

ରାଜକୁମାରୀ ମନରେ ଭାବିଲା, "ମୁଁ କଣ କରିବି । ଏବେ ଯଦି ଘରକୁ ଦୌଡ଼ି ପଳାଏ, ମୋ ବାପା ମୋତେ ବାଡ଼େଇବେ ।"

ତେଣୁ ସେ ଆଉ କିଛି ଉପାୟ ନପାଇ ଭୂମିଆର କୁଡ଼ିଆ ଭିତରକୁ ଗଲା । କୁଡ଼ିଆ ଭିତରେ ଖାଇବା ପାଇଁ କୋଦୋ, କୁଟୁକି କି ଚାଉଳ କିଛି ନଥିଲା ।

ସେ ତାର ସ୍ୱାମୀକୁ ପଚାରିଲା, "ମୁଁ କଣ ରୋଷେଇ କରିବି । କୋଦୋ, କୁଟ୍‌କୀ, ଚାଉଳ କିଛି ତ ନାହିଁ ।" ଭୂମିଆ କହିଲା, "ତୁ ବ୍ୟସ୍ତ ହୁଅନା । ମୁଁ ରାଜାଙ୍କ ପାଖକୁ ଯାଇ କିଛି ଅଟା ମାଗି ଆଣିବି ।"

ତାପରେ ସେ ରାଜାଙ୍କ ପାଖରୁ ଅଟା ଧରି ଶୀଘ୍ର ଫେରି ଆସିଲା କୁଡ଼ିଆକୁ । ରାତି ପାଇଁ ଖାଇବା ତିଆରି ହୋଇ ସାରିବା ପରେ ରାଜକୁମାରୀ କହିଲା, "ରୋଷେଇ ସରିଲା, ଆସ ବସିଖାଅ ।" ରାଜାଝିଅ ଆଗରେ ବସି ଖାଇବା ପାଇଁ ଭୂମିଆକୁ ଲାଜ ମାଡ଼ିଲା । ତେଣୁ ସେ କହିଲା, "ତୁମେ ଆଗ ଖାଅ । ମୁଁ ତୁମ ପଛରେ ଖାଇବି ।"

ରାଜକୁମାରୀ କହିଲା, "ମୁଁ ତୁମର ସ୍ତ୍ରୀ । ମୁଁ ଆଗ କେମିତି ଖାଇବି ।"

ଭୂମିଆ ବାଧ୍ୟହୋଇ ଆଗ ବସି ଖାଇଲା । ରାଜକୁମାରୀ ତା ପାଖରେ ବସି ବଢ଼ାବଢ଼ି କରିଦେଲା ।

କିନ୍ତୁ ରାଜକୁମାରୀ ପାଖରେ ବସି ଖାଇବାପାଇଁ ତାକୁ ଲାଜ ମାଡ଼ିଲା । ତେଣୁ ସେ ମାତ୍ର ପାଞ୍ଚଥର ଜାଉ ଖାଇ ଦେଇ ଶୀଘ୍ର ଉଠି କୁଡ଼ିଆ ଭିତରକୁ ଚାଲିଗଲା । ତାପରେ ରାଜକୁମାରୀ ଖାଇଲା । ଏହା ପୂର୍ବରୁ ସେ ଏତେ ଗରିବ କେବେ ନଥିଲା, କି ଏପରି ଖାଦ୍ୟ ଖାଇ ନଥିଲା । ଖାଇ ସାରିବା ପରେ ରାଜକୁମାରୀ ଭୂମିଆକୁ କହିଲା, "ତୁମେ ଲୁଗା ନପିନ୍ଧି କୁଆଡ଼େ ଯାଇ ପାରିବ ନାହିଁ । ମୋ ପାଖରେ ଦୁଇଟଙ୍କା ଅଛି ନିଅ, ତୁମପାଇଁ ଯାଇ ଲୁଗା କିଣି ଆଣ ।"

ସେହି ଦୁଇ ଟଙ୍କା ନେଇ ଧୁରୁଓ୍ୱା ବଜାରକୁ ଗଲା ତା ନିଜ ପାଇଁ ନୂଆ ଲୁଗା କିଣିବା ପାଇଁ ।

ଦୁଇ ଟଙ୍କାରେ ସବୁ ପୋଷାକ କିଣି ନହେବାରୁ ସେ କିଛି ନକିଣି କୁଡ଼ିଆକୁ ଫେରି ଆସିଲା । ରାଜକୁମାରୀ ତାକୁ ଫୁଙ୍ଗୁଳା ଦେଖି ପଚାରିଲା, "ଲୁଗା କାହିଁ ? କିଛି କିଣିଲ ନାହିଁ କାହିଁକି ?"

ଭୂମିଆ କହିଲା, "ଦୁଇ ଟଙ୍କାରେ ସବୁ ପୋଷାକ ନହେବାରୁ ମୁଁ ମୋଟେ କିଣିଲି ନାହିଁ।"

ରାଜକୁମାରୀ ଧୁରୁଓ୍ୱାକୁ ପେଲି ପଠେଇଲା। କହିଲା, "ସାଙ୍ଗେ ସାଙ୍ଗେ ବଜାରକୁ ଯାଅ। ଦୁଇ ଟଙ୍କାରେ ଯେତିକି ହେବ ଆଣିବ। ଆମର ବେଶି ଟଙ୍କା ନାହିଁ।"

ଦୁଇଟଙ୍କାରେ ଯେତିକି ମିଳିବ ଆଣିବାପାଇଁ ପୁଣି ଧୁରୁଓ୍ୱା ବଜାରକୁ ଗଲା ତା ସ୍ତ୍ରୀ କଥା ମାନି।

ହାଟକୁ ଯିବା ବାଟରେ ଭୂମିଆକୁ ଗୋଟିଏ ନଦୀ ପାରି ହେବାକୁ ପଡ଼ିଲା। ସେଠାରେ ସେ ଗୋଟିଏ ସାପୁଆ କେଳାକୁ ଦେଖିଲା। ସେ ତାର ସାପ ପେଡ଼ି କାନ୍ଧେଇ ଚାଲୁଥିଲା।

ଧୁରୁଓ୍ୱା ପଚାରିଲା, "ସେ ପେଡ଼ିରେ କଣ ରଖିଛ ?"

କେଳା କହିଲା, "ଏଥିରେ ସାପ ଅଛି। ତୁମେ କିଣିବ କି ?"

ଧୁରୁଓ୍ୱା ଭାବିଲା, "କେଳା ଯଦି ତାକୁ ସାପଟିକୁ ଦୁଇଟଙ୍କାରେ ଦେଇ ଦିଏ, ତେବେ ସେ ତାକୁ କିଣି ନେବ।"

ଭୂମିଆ କହିଲା, "ଏ ସାପକୁ କେତେ ଟଙ୍କାରେ ଦେବ ?"

କେଳା କହିଲା, "ଚାରିଟଙ୍କା।"

ଭୂମିଆ କହିଲା, "ମୁଁ ଏକଟଙ୍କା ଦେବି।"

କେଳା କହିଲା, "ଟଙ୍କାଏ ହେବନି। ତିନିଟଙ୍କା ଦେ।"

ଭୂମିଆ କହିଲା, "ଏଇ ଦିଟଙ୍କା ନେଇ ମୋତେ ପେଡ଼ି ସହିତ ସାପଟା ଦେ।"

କେଳା ଦୁଇଟଙ୍କା ନେଇ ପେଡ଼ି ସହିତ ସାପଟି ଦେଇ ଦେଲା। ଧୁରୁଓ୍ୱା ଭଲ ମୂଲେଇ କରି ପାରିଥିବାରୁ ଖୁସି ହୋଇ ସାପଟି ନେଇ ଚାଲିଗଲା।

ଭୂମିଆ ଭାବିଲା, "ମୁଁ ଏବେ ଦୁଇଟଙ୍କାରେ ସାପଟିକୁ ଆଣିଲି। ଆଉ ହାଟକୁ ଯାଇ କଣ କରିବି।"

ତେଣୁ ସେ ସାପ ପେଡ଼ିକୁ ମୁଣ୍ଡେଇ ଘରକୁ ଚାଲିଲା।

ସେ ଟିକିଏ ବିଶ୍ରାମ ନେବା ପାଇଁ ଗୋଟିଏ ଉଇ ହୁଙ୍କା ପାଖରେ ସାପ ପେଡ଼ିକୁ ରଖି ଜଙ୍ଗଲକୁ ବୁଲିବାପାଇଁ ଗଲା। ଜଙ୍ଗଲରୁ ଫେରି ଦେଖିଲା, ପେଡ଼ି ଭିତରୁ ସାପ ବାହାରି ଉଇ ହୁଙ୍କାରେ ଥିବା ଏକ ଗାତରେ ପଶି ଯାଉଛି। ସେ ଦଉଡ଼ି ଯାଇ ସାପର ଲାଞ୍ଜଟିକୁ ଧରି ପକାଇଲା। ସାପଟି ଯନ୍ତ୍ରଣାରେ ଛଟପଟ ହେଲା। ସାପ ଭୂମିଆକୁ ଛାଡ଼ି ଦେବାପାଇଁ କହିଲା। ସେ ଶପଥ କରି କହିଲା ଗାତ ଭିତରକୁ ପଶିଯିବ ନାହିଁ।

ଧୁରୁଓ୍ୱା ପଚାରିଲା, "ଯଦି ମୁଁ ତୋର ଲାଞ୍ଜ ଛାଡ଼ିଦିଏ ତାହେଲେ ତୁ ଗାତରେ ପଶିବୁ ନାହିଁ।"

ସାପ କହିଲା, "ମୁଁ ସତ କହୁଛି ଗାତ ଭିତରକୁ ଯିବି ନାହିଁ।"

ଧୁରୁଓ୍ୱା ସାପଟି ଛାଡ଼ିଦେଲା । କିନ୍ତୁ ସାପ ଗାତ ଭିତରକୁ ଗଲା ନାହିଁ ।

ଧୁରୁଓ୍ୱା ପଚାରିଲା, "ତୁ କୁଆଡ଼େ ଯିବୁ ।"

ସାପ କହିଲା, "ପାତାଳପୁରକୁ ଯିବି ।"


ଧୁରୁଓ୍ୱା କହିଲା, "ମୁଁ ମଧ୍ୟ ତୋ ସାଥିରେ ପାତାଳକୁ ଯିବି । ମୋତେ ବାଟ ଦେଖେଇଦେ ।"

ସାପ କହିଲା, "ତୁ ପାତାଳପୁରକୁ ଯାଇ ପାରିବୁନି । ତୋ ପାଇଁ ପାତାଳପୁରକୁ ଯିବା ନିଷେଧ ।"

ଭୂମିଆ ସାପ କଥା ମାନିଲା ନାହିଁ । ତାକୁ ସାଥିରେ ନେବା ପାଇଁ ସେ ସାପକୁ କହିଲା ।

ଶେଷରେ ସାପ କହିଲା, "ଠିକ୍ ଅଛି । ମୋ ପିଠି ଉପରେ ତୋ ନିଜକୁ ତୁ ଭଲ ଭାବରେ ବାନ୍ଧି ଦେ ।"

ତାପରେ ଧୁରୁଓ୍ୱା ନିଜକୁ ସାପ ପିଠି ଉପରେ ଭଲ ଭାବେ ବାନ୍ଧି ଦେଲା । ଧୁରୁଓ୍ୱା ତାର ଲମ୍ବା ବାଳକୁ ସାପ ବେକରେ ଭଲ ଭାବେ ଗୁଡ଼େଇ ଦେଲା । ତାପରେ ସାପ ସେଇ ଉଇ ହୁଙ୍କାରେ ଥିବା ଗାତ ଭିତର ଦେଇ ସୁଁ ସୁଁ ଗର୍ଜନ



କରି ପାତାଳକୁ ଚାଲିଲା । ସେଠାରେ ପହଞ୍ଚିବା ପର୍ଯ୍ୟନ୍ତ ସେ ସେହିପରି ସୁଁ ସୁଁ ଗର୍ଜନ କରୁଥାଏ । ସେ ଦୁହେଁ ପାତାଳର ସର୍ପରାଜା ବୁଢ଼ାନାଗ ଘରେ ପହଞ୍ଚିଲେ । ବୁଢ଼ା ନାଗ ପଚାରିଲା, "ତୁମେ ତୁମ ସାଥିରେ କାହାକୁ ଆଣିଛ । ତୁମେ କଣ ଜାଣିନ ପାତାଳକୁ ମଣିଷମାନେ ପ୍ରବେଶ କରିବା ନିଷେଧ ।"

ସାପ କହିଲା, "ଏ ହେଉଛି ଧୁରୁଓ୍ୱା, ଭୂମିଆ ମାନଙ୍କର ପୁରୋହିତ । ସେ ମୋତେ ଧରିଥିଲା କିନ୍ତୁ ଗୋଟିଏ ସର୍ତ୍ତରେ ଛାଡ଼ିଲା, ସର୍ତ୍ତ ଅନୁସାରେ ମୁଁ ତାକୁ ପାତାଳପୁରକୁ ଆଣିଛି ।"

ବୁଢ଼ାନାଗ ଧୁରୁଓ୍ୱାକୁ କହିଲେ, "ଏଇ ଟୁଲ୍ ନିଅ ବସ ।"

ଗୋଟିଏ ସାପମୋଡ଼ାର ଟୁଲ୍ ହୋଇଥିଲା । ଧୁରୁଓ୍ୱା ଡରିଯାଇ ବସିବାକୁ ମନା କଲା । ବୁଢ଼ାନାଗ ତାକୁ ଖଟ ଉପରେ ଆଉଜି ବସିବା ପାଇଁ କହିଲା । ଖଟଟି ମଧ୍ୟ ଗୋଟିଏ ବଡ଼ ସାପରେ ତିଆରି । ଧୁରୁଓ୍ୱା ଖଟରେ ବସିବା ପାଇଁ ମନାକଲା ।

ସର୍ପରାଜ ଶୋଇବାକୁ ଗଲେ । ଯେଉଁ ସାପ ସାଥିରେ ଧୁରୁଓ୍ୱା ପାତାଳକୁ ଆସିଥିଲା ସେ ଧୁରୁଓ୍ୱାକୁ କହିଲା, "ବୁଢ଼ାନାଗକୁ ମୋଡ଼ି ଦେବୁ ଯାଆ ।"

ଧୁରୁଓ୍ୱା କହିଲା, "ମୁଁ ସାପକୁ କେମିତି ମୋଡ଼ିବି ?"

ସାପ କହିଲା, "ଏଇ ପିଟଣା ନେଇ ସାପକୁ ତୋର ଯେତେ ଜୋର୍ ଅଛି ବାଡ଼ା । ବୁଢ଼ାନାଗ ଏମିତି ମୋଡ଼ା ଖାଏ ।"

ଧୁରୁଓ୍ୱା ଗୋଟିଏ ବଡ଼ ପିଟେଣା ଧରି ବୁଢ଼ାନାଗର ଦେହକୁ ସାତଦିନ ଧରି ବାଡ଼େଇଲା ।

ସାତଦିନ ପରେ ବୁଢ଼ାନାଗ ନିଦରୁ ଉଠିଲା । ତାକୁ ଆରାମ ଲାଗୁଥିଲା । ସେ ପଚାରିଲା, "ମୋତେ କିଏ ଏତେ



ଭଲ ଭାବରେ ମୋଡୁଥିଲା । ତାକୁ ମୋ ପାଖକୁ ଡାକ ମୁଁ ତାକୁ ପୁରସ୍କାର ଦେବି ।"

ସାପ କହିଲା, ଧୁରୁଓ୍ୱା ତମକୁ ମୋଡ଼ିଥିଲା । ବୁଢ଼ାନାଗ ଶପଥ କରି କହିଲେ, "ତାକୁ ଏଠାକୁ ଆଣ ସେ ଯେଉଁ ବର ମାଗିବ, ମୁଁ ତାହା ପୂରଣ କରିବି ।"

ସାପ ଧୁରୁଓ୍ୱାକୁ କହିଦେଲା ମୁଦି ମାଗିବା ପାଇଁ ।

ଧୁରୁଓ୍ୱା ବୁଢ଼ାନାଗକୁ କହିଲା, "ତୁମ ଡାହାଣ ହାତ ବୁଢ଼ା ଆଙ୍ଗୁଠିରେ ଥିବା ମୁଦିଟି ମୋତେ ଦିଅ।"

ବୁଢ଼ାନାଗ ମୁଦିଟି ଦେବାକୁ ମନାକଲା। କାରଣ ସେ ମୁଦିରେ ଯାଦୁଶକ୍ତି ଥିଲା।

ବୁଢ଼ାନାଗ କହିଲା, "ତୁ ଏହି ସାଧାରଣ ମୁଦିଟି କାହିଁକି ମାଗିଲୁ ? ତୁ ସୁନା ରୂପା ଯେତେ ଚାହିଁବୁ ନେଇଯାଅ।"

ଧୁରୁଓ୍ୱା କହିଲା, "ନାଁ, ମୁଁ କେବଳ ସେହି ମୁଦିଟି ନେବାକୁ ଚାହେଁ।"

ବୁଢ଼ା ନାଗ କହିଲା, "ଭଲ ହେଲା, ତୁ କିନ୍ତୁ ମୋତେ ଏଇ ମୁଦିଟି ପୁଣି ପାଞ୍ଚବର୍ଷ ପରେ ଫେରେଇ ଦେବୁ। ଉଇ ହୁଙ୍କାରେ ଥିବା ଗାତରେ ପକାଇ ଦେଲେ, ମୁଦି ପୁଣି ମୋ ପାଖରେ ଆସି ପହଞ୍ଚିଯିବ।"

ତାପରେ ସେ ଧୁରୁଓ୍ୱାକୁ ମୁଦିଟି ଦେଲା। ସେହି ମୁଦି ସାହାଯ୍ୟରେ କେମିତି ଟଙ୍କା ତିଆରି କରିହେବ ଦେଖାଇଦେଲା। ସେ ଘଷି ଜାଳି ତା ପାଉଁଶରେ ମୁଦିକୁ ଗୋଳେଇ ଦେଲା। ତାପରେ ସେଥିରୁ ଖାଲି ଟଙ୍କା ଗଦ ଗଦ ହୋଇ ପଡ଼ିଲା। ବୁଢ଼ାନାଗକୁ ଧନ୍ୟବାଦ ଜଣାଇ ସେ ମୁଦି ନେଇ ଖୁସି ମନରେ ପୃଥିବୀକୁ ଫେରି ଆସିଲା।

ସେ ଯେତେବେଳେ ଘରେ ପହଞ୍ଚିଲା, ରାଜକୁମାରୀ ଧୁରୁଓ୍ୱାକୁ ଡାକି ନେଇ କହିଲା, "ତୁମେ ଏତେ ବର୍ଷ ହେଲା କୁଆଡ଼େ ଥିଲ ଓ ତୁମେ ପରା ଲୁଗା କିଣିବା ପାଇଁ ଯାଇଥିଲ। ତୁମେ ତଥାପି କଣ ଲଙ୍ଗଳା ହୋଇ ଆସିଛ।"

ଧୁରୁଓ୍ୱା କହିଲା, "ବାଟରେ ଗୋଟିଏ ଜାତିର ଲୋକଙ୍କୁ ଭେଟିଲି। ତା ପାଇଁ ମୁଁ ଦିଟଙ୍କା ଖର୍ଚ୍ଚ କଲି।"

ଏକଥା ଶୁଣି ରାଜକୁମାରୀ ମୁଣ୍ଡକୁ ରାଗ ଉଠିଗଲା। ଭୂମିଆ ତାକୁ କହିଲା ଘଷି ସଂଗ୍ରହ କରିବାପାଇଁ। ଆଠଦିନ ଧରି ଘଷି ଆଣି ସେ ତା କୁଡ଼ିଆ ଘରେ ଗଦା କଲା। ଭୂମିଆ ସେଥିରେ ନିଆଁ ଲଗାଇ ପାଉଁଶ କଲା। ଭୂମିଆର ଏପରି ମୂର୍ଖ ବ୍ୟବହାରରେ ରାଜକୁମାରୀ ଆଶ୍ଚର୍ଯ୍ୟ ହେଲା।

ରାଜକୁମାରୀ କହିଲା, "ମୋତେ ତୁମେ ଆଠଦିନ ଧରି ଘଷି ଆଣିବାପାଇଁ କହିଲ। ତୁମେ ଏହାକୁ ଜାଳି ପାଉଁଶ କରୁଛ କାହିଁକି ?"

ଭୂମିଆ କିଛି ନକହି ଶୋଇବାକୁ ଗଲା। ତା ସ୍ତ୍ରୀ ମଧ୍ୟ ଶୋଇବାକୁ ଗଲା। ରାଜକୁମାରୀ ଶୋଇ ପଡ଼ିବା ପରେ ଧୁରୁଓ୍ୱା ଉଠି ସେ ପାଉଁଶରେ ମୁଦିକୁ ଘସିଲା। ତାପରେ ତଳେ ଖାଲି ଟଙ୍କା ବର୍ଷା ହେଲା। ଧୁରୁଓ୍ୱା ଗଦାଏ ଟଙ୍କା କୁଡ଼ିଆଘର ଗୋଟିଏ କଣରେ ଗଦା କରି ଶୋଇବାକୁ ଗଲା।


ସକାଳେ ରାଜକୁମାରୀ ଟଙ୍କା ଗଦା ଦେଖି ଧୁରୁଓ୍ୱାକୁ କହିଲା, "ତୁମେ ଏତେ ଟଙ୍କା କେଉଁଠୁ ଚୋରି କରି ଆଣିଲ ?"

ଭୂମିଆ କହିଲା, "ମୁଁ ଚୋରି କରିନି। ମୋତେ ଏ ଟଙ୍କା ଉପହାର ମିଳିଥିଲା।"

ତା ସ୍ତ୍ରୀ କହିଲା, "ତୁମକୁ କିଏ ଏତେ ଟଙ୍କା ଦେଲା ? ଏତେ ଟଙ୍କା କେଉଁଠୁ ପାଇଲ ମୋତେ କୁହ।"

କିନ୍ତୁ ଭୂମିଆ ଟଙ୍କା କେଉଁଠୁ ପାଇଲା ତା ସ୍ତ୍ରୀକୁ କହିବା ପାଇଁ ମନା କଲା । ତେଣୁ ରାଜକୁମାରୀ ଆହୁରି ଆଶ୍ଚର୍ଯ୍ୟ ହେଲା । ସେ ଏହାର ରହସ୍ୟ ଜାଣିବା ପାଇଁ ମନେ ମନେ ଇଚ୍ଛା କଲା । ଧୁରୁଓ୍ୱା ଏତେ ଟଙ୍କା କେଉଁଠୁ ଆଣିଲା ଜାଣିବା ପାଇଁ ମନରେ ସ୍ଥିର କରିଥାଏ । ବେଳ ବୁଡ଼ିଯିବା ପରେ ଧୁରୁଓ୍ୱା ହାଇ ମାରି ଶୋଇବା ପାଇଁ ଛଳନା କଲା । ତା ସ୍ତ୍ରୀ ମଧ୍ୟ ଶୋଇବାକୁ ଯାଉଛି କହି ଶୋଇ ପଡ଼ିବା ଛଳନା କରି ପଡ଼ି ରହିଲା । ରାଜକୁମାରୀ ଦେଖିଲା ଧୁରୁଓ୍ୱା ଧୀରେ ଧୀରେ ଖସିଯାଇ ମୁଦିକୁ ପାଉଁଶରେ ଘସିବାରୁ ଟଙ୍କା ଗଳ ଗଳ ହୋଇ ତଳେ ପଡ଼ିଲା । ଶେଷରେ ତା ସ୍ୱାମୀର ଏତେ ଟଙ୍କାର କାରଣ ଯାଦୁ ମୁଦିଥିଲା ବୋଲି ସେ ଜାଣିପାରିଲା ।

ତାପରେ ଭୂମିଆ ବହୁତ ଧନୀ ହୋଇଗଲା । ସେ ରାଜାଙ୍କଠାରୁ ତିନିଗୁଣା ବଡ଼ ଗୋଟିଏ ରାଜପ୍ରାସାଦ ତିଆରି କଲା । ଧୁରୁଓ୍ୱା ଏତେ ଧନୀ ହୋଇଗଲା ଯେ, ଲୋକେ ତାକୁ ଧୁରୁଓ୍ୱା ରାଜା ବୋଲି ଡାକିଲେ । ତାର ରାଜପ୍ରାସାଦକୁ ଜଗିବାପାଇଁ ଧୁରୁଓ୍ୱା ଗୋଟିଏ ବିଲେଇ ଏବଂ ଗୋଟିଏ କୁକୁର ରଖିଲା ।



କିଛିଦିନ ପରେ ଧୁରୁଓ୍ୱା ଦୂରଦେଶକୁ ଗାଈ କିଣିବା ପାଇଁ ଗଲା । ତାର ଗାଈମାନଙ୍କୁ ପଡ଼ିଆରେ ଚରାଇବାପାଇଁ ଗୋଟିଏ ଗାଈ ଜଗାଳୀ ରଖିଲା । ତା ସାଥିରେ କୋଡ଼ିଏଜଣ ଲୋକଙ୍କୁ ଠିକ୍ କଲା । ଯାଦୁ ମୁଦିକୁ ଗୋଟିଏ ଲୁହା

ବାକ୍ସରେ ଲୁଚାଇ ରଖିଦେବା ପାଇଁ ତାର ସ୍ତ୍ରୀକୁ କହିଗଲା । କିନ୍ତୁ ରାଜକୁମାରୀ କହିଲା, "ଏ ମୁଦିଟି ଦେଖିବାକୁ ଭାରି ସୁନ୍ଦର । ଏହାକୁ ମୁଁ ଆଙ୍ଗୁଠିରେ ପିନ୍ଧିବି ।"

ଧୁରୁଓ୍ୱା କହିଲା, "ଠିକ୍ ଅଛି । ତୁ ଏହାକୁ ଆଙ୍ଗୁଠିରେ ପିନ୍ଧ । ଏହାକୁ ଯତ୍ନର ସହିତ ରଖିବୁ । ଭଗବାନଙ୍କ ରାଣ, ତୁ ଏହାକୁ କାହାକୁ ବିକିବୁନାହିଁ ।"

ତାପରେ ସେ ତା ଲୋକଙ୍କୁ ନେଇ ଯାତ୍ରା ଆରମ୍ଭ କରି ଦେଲା । ବାଟରେ ଗଲାବେଳେ ଦଳେ ବ୍ୟବସାୟୀ କଂସା ପିତଳ ଜିନିଷ ବିକୁଥିବା ଦେଖିଲା । ଧୁରୁଓ୍ୱା ସେମାନଙ୍କୁ କହିଲା, ତାର ପ୍ରାସାଦକୁ ଯାଇ ବଜାର ବସାଇଦେ । ତାର ସ୍ତ୍ରୀ ସେମାନଙ୍କଠାରୁ ବହୁତ ପିତଳ ଜିନିଷ କିଣିବ । ଧୁରୁଓ୍ୱା ବ୍ୟବସାୟୀମାନଙ୍କୁ କହିଦେଇ ତାର ଯାତ୍ରାପଥରେ ଚାଲିଗଲା ।

ବ୍ୟବସାୟୀମାନେ ଧୁରୁଓ୍ୱା ରାଜାଙ୍କ ପ୍ରାସାଦକୁ ଆସିଲେ । ସେମାନେ ତାଙ୍କ ଥଳି ଖୋଲି ପିତଳ ବାସନ, ଗରା, କଡ଼େଇ, ବିଳାସପୂର୍ଣ୍ଣ ଜିନିଷ ସବୁ ଖୋଲି ଦେଖାଇଲେ । ସେମାନଙ୍କର ଜିନିଷ ଦେଖିବା ପାଇଁ ରାଜକୁମାରୀ ପ୍ରାସାଦ ବାହାରକୁ ଆସିଲା । ରାଜକୁମାରୀ ସବୁ ଦୋକାନ ବୁଲି ଦେଖୁଥିବା ବେଳେ ଜଣେ ବୁଢ଼ା ବ୍ୟବସାୟୀ ବୁଢ଼ାନାଗର ସେହି ମୁଦିକୁ ଦେଖି ତାର ଯାଦୁଶକ୍ତି ଥିବା ବିଷୟରେ ଜାଣିପାରିଲା । ତେଣୁ ସେ ରାଜକୁମାରୀକୁ କହିଲା, "ରାଣୀ, ମୁଁ ତୁମର ମୁଦି କିଣିବାକୁ ଚାହୁଁଛି, ଏ ହାଟରେ ଯେତେ ଦୋକାନ ଅଛି ସବୁ ନିଅ । ମୋତେ ସେ ମୁଦିଟି ଦିଅ । ଆମର ଯେତେ ହାତୀ, ଘୋଡ଼ା ଅଛି ସବୁ ତୁମର ହେବ । ଏଇ ଛୋଟିଆ ମୁଦିଟି ଦେଇ ତୁମେ ଆମର ସବୁ ଜିନିଷ ନେଇ ଯାଅ ।"

ଏତେଗୁଡ଼ିଏ ସୁନ୍ଦର ଜିନିଷ ଦେଖି ରାଜକୁମାରୀର ଲୋଭ ହେଲା । ସେ ବୁଢ଼ା ବ୍ୟବସାୟୀକୁ ମୁଦିଟି ଦେଇ ସବୁ ଜିନିଷତକ ନେଇ ଆସିଲା । ତାପରେ ସେହିଦିନ ରାତିରେ ବଣିକମାନେ ରାଜପ୍ରସାଦ ଛାଡ଼ି ଲୁଚି ପଳେଇଲେ । ସାଥିରେ କେବଳ ଯାଦୁମୁଦିଟିକୁ ନେଇଥିଲେ । ଗୋଟିଏ ବଡ଼ ନଦୀକୂଳରେ ବସିଲେ । ସେଠାରେ ଗୁଡ଼ିଏ ଘଷି ପଡ଼ିଥିଲା । ସେଠାରେ ସେମାନେ ବସି ଟଙ୍କା ତିଆରି କଲେ ।

ଧୁରୁଓ୍ୱା ଗାଈ ପଲେ ରଖିଲା । ଗାଈ ଜଗାଳୀଟିଏ ଆଣି ରଖିସାରିବା ପରେ ଘରକୁ ଫେରିଲା । ଘରେ ତାର ସ୍ତ୍ରୀ ତାକୁ ଆଦରରେ ଡାକି ନେଇ ମୋଡ଼ା ଘସା କଲା । ରାଜକୁମାରୀ ଗୋଡ଼ ମୋଡୁଥିବା ବେଳେ ଧୁରୁଓ୍ୱା ଜାଣିପାରିଲା, ତା ହାତରେ ମୁଦି ନାହିଁ ।

ହଠାତ୍ ସେ ପଚାରିଲା, "ମୁଦି କାହିଁ ?"

ରାଜକୁମାରୀ କହିଲା, "ମୁଁ ତାକୁ ପିନ୍ଧି ପିନ୍ଧି ବିରକ୍ତ ହେବାରୁ ତାକୁ ବଡ଼ ବାକ୍ସରେ ରଖିଦେଇଛି ।"

ଧୁରୁଓ୍ୱା କହିଲା, "ନା...ନା ମୋତେ ଆଗ ମୁଦି ଆଣି ଦେଖା ।"


ରାଜକୁମାରୀ ଦୁଃଖ କରି କହିଲା, "ବ୍ୟବସାୟୀମାନଙ୍କର ସବୁ ଜିନିଷ ବଦଳରେ ମୁଁ ସେ ମୁଦିଟି ତାକୁ ଦେଇ

ଦେଇଛି ।" ଧୁରୁଓ୍ୱା ପ୍ରଥମେ ରାଗିଗଲା, ତାର ସ୍ତ୍ରୀ ବୋକାମୀ କରିଥିବାରୁ ସେ ତାକୁ ଜୋର୍‌ରେ ଗୋଟିଏ ଚାପୁଡ଼ା ମାରିଲା ଏବଂ ଗାଳି ଦେଲା । ତାର ପୋଷା କୁକୁର ବିଲେଇ ଆସି ସେମାନଙ୍କ ମାଲିକର ରାଗକୁ ଶାନ୍ତ କଲେ । ତାର ସ୍ତ୍ରୀକୁ ମାଡ଼ ମାରିବା ବନ୍ଦ କଲେ ।

ସେମାନେ କହିଲେ, "ଆମେ ଦୁଇଜଣ ଯାଇ ମୁଦି ଖୋଜି ବାହାର କରିବୁ । ତେଣୁ ତୁମେ କଳି ନକରି ଶାନ୍ତିରେ ରୁହ । ତୁମେମାନେ ଆମର ବାପା ମାଆ ପରି । ତୁମମାନଙ୍କର ଦୟା ଏବଂ ସ୍ନେହର ମୂଲ୍ୟ ଯାଦୁ ମୁଦି ଖୋଜି ଆଣିବା ବଦଳରେ ଆମେ ପରିଶୋଧ କରିବୁ ।"

କୁକୁର ଏବଂ ବିଲେଇ ଭାତ ଖାଇସାରି ମୁଦି ଖୋଜିବା ପାଇଁ ଚାଲିଗଲେ । ସେମାନେ ଚାଲି ଚାଲି ବେଳବୁଡ଼ୁକୁ ଗୋଟିଏ ଗାଆଁରେ ପହଞ୍ଚିଲେ । କୁକୁର ବାଟରେ ଗୋଟିଏ ବଣୁଆ ପଶୁମାରି ଖାଇ ଦେଇଥିଲା । ତେଣୁ ସେ ବିପଦରେ ପଡ଼ିଥିଲା । ବିଲେଇ ତାର ସାଥିକୁ ଗୋଟିଏ ବଡ଼ ଗାତ ଖୋଳି ବେକଯାଏ ପୋତି ଦେଲା । କେବଳ ମୁଣ୍ଡଟି ଉପରକୁ ଦେଖାଯାଉଥିଲା । ତାପରେ ବିଲେଇ କିଛି ଖାଦ୍ୟ ଆଣିବା ପାଇଁ ଗାଆଁ ଭିତରକୁ ଗଲା । ସେ ଜଣଙ୍କ ଘରୁ ଭାତ ଓ ଅନ୍ୟ ଜଣକ ଘରୁ ରୁଟି ଚୋରେଇ ଖାଇଲା । ସେଥିରୁ କୁକୁର ପାଇଁ ମଧ୍ୟ ଆଣି ଦେଲା । କୁକୁର ମଧ୍ୟ ଖାଇଲା । ସେଦିନ ସେଠାରେ ବିଶ୍ରାମ ନେଇ ସାରିବାପରେ ପୁଣି ସେମାନେ ଯାତ୍ରା ଆରମ୍ଭ କଲେ ।

ଶେଷରେ ସେମାନେ ଗୋଟିଏ ବଡ଼ ନଦୀ ପାଖରେ ପହଞ୍ଚିଲେ । କୁକୁର ପିଠି ଉପରେ ବିଲେଇ ବସିଲା । କୁକୁର ଦିନସାରା ପହଁରି ପହଁରି ନଦୀ ଆର ପାରିରେ ପହଞ୍ଚାଇ ଦେଲା । ତାପରେ ବିଲେଇ କୁକୁର ଗୋଟିଏ ସହରରେ ପହଞ୍ଚିଲେ । ସେହି ସହରରେ ପିତଳ ଜିନିଷ ବ୍ୟବସାୟୀମାନେ ରହୁଥିଲେ । ସେମାନେ ଦିନସାରା ସେମାନଙ୍କୁ ତଲାସ କଲେ । ସହରର ଗୋଟିଏ ଗଳି ରାସ୍ତାରେ ବିଲେଇ ରାତି ଅଧରେ ଦେଖିଲା ବୁଢ଼ା ବଣିକଟି ଲୁଗ୍ନ ଟଙ୍କା ତିଆରି କରୁଥିଲା ମୁଦିରେ । ତାପରେ ବୁଢ଼ା ବଣିକ ଟଙ୍କା ତିଆରି କରି ସାରି ଗୋଟିଏ ମାଟି ଠେକି ଭିତରେ ମୁଦିଟିକୁ ଲୁଚାଇ ରଖିଦେଲା । ସେହି ଠେକି ମୁହଁରେ ଗୋଟିଏ ଦଉଡ଼ି ବାନ୍ଧି ଘର ଛାତ କଡ଼ିରେ ଝୁଲେଇ ଦେଲା ।



ବିଲେଇ ଭାବୁଥିଲା କେମିତି ସେ ଠେକିରୁ ମୁଦି ଆଣିବ। ଏତିକିବେଳେ ସେ ଗୋଟିଏ ବଡ଼ ମୂଷା ଦେଖିଲା। ସେହି ମୂଷାକୁ ଘୁଇସ୍ ବୋଲି କହନ୍ତି। ସାଙ୍ଗେ ସାଙ୍ଗେ ବିଲେଇ ମୂଷା ଉପରକୁ ଝାଂପ ମାରିଲା। ତା ଦାନ୍ତରେ ମୂଷାକୁ କାମୁଡ଼ି ଧରିବାରୁ ମୂଷା ଜୀବନ ବିକଳରେ ଚିତ୍କାର କଲା।

ବିଲେଇ ମୂଷାକୁ କହିଲା, "ତୁ ସେ ଛାତ କଡ଼ି ଉପରକୁ ଚଢ଼ି ପାରିବୁ।"

ମୂଷା କହିଲା, "ଏହା ମୋତେ ଭାରି ସହଜ। ମୁଁ ସେଠାକୁ ପ୍ରତିଦିନ ଯାଏ।"

ବିଲେଇ କହିଲା, "ଏବେ ତୁ ସେଠାକୁ ଯାଇ ଠେକି ଯେଉଁ ଦଉଡ଼ିରେ ବନ୍ଧା ହୋଇ ଝୁଲୁଛି ତାକୁ କାଟି ଦେ। ମୁଁ ତୋତେ ନ ମାରି ଛାଡ଼ିଦେବି।"

ମୂଷା କହିଲା, "ସତରେ ମୁଁ ଏ କାମ ତୁମର କରି ଦେଲେ, ମୋତେ କେବେ ବି ମାରିବନି।"

ବିଲେଇ କହିଲା, "କେବେ ନୁହେଁ, ମୁଁ କଥା ଦେଉଛି ତୋତେ କେବେ ମାରିବିନି। ତୁ ମୋର ଏତିକି କାମ କରି ଦେ।"


ମୂଷା କହିଲା, "ତାହାହେଲେ ମୋତେ ଛାଡ଼ିଦିଅ, ମୁଁ ଏଇ ସାଙ୍ଗେ ସାଙ୍ଗେ ତୁମ କାମ କରିଦେବି।"

ବିଲେଇ ମୂଷାକୁ ଛାଡ଼ିଦେଲା। ମୂଷା ସାଙ୍ଗେ ସାଙ୍ଗେ କାନ୍ଥ ବାଟେଯାଇ ଛାତର କଡ଼ି ଉପରକୁ ଉଠିଗଲା। କମ୍ ସମୟ ମଧ୍ୟରେ ସେ ଦଉଡ଼ିକୁ କାଟି ଦେଲା। ଫଳରେ ଠେକି ତଳେ ପଡ଼ି ଭାଙ୍ଗିଗଲା। ତାପରେ ବିଲେଇ ମୁଦିଟିକୁ ଝାମ୍ପିନେଇ କୁକୁର ପାଖକୁ ଚାଲିଗଲା। ସେହିଦିନ ଠାରୁ ବିଲେଇ ଘୁଇସ୍ ଜାତିର ମୂଷାମାନଙ୍କୁ ମାରେ ନାହିଁ।

କୁକୁର ବିଲେଇକୁ ଦେଖି ପଚାରିଲା, "ତୁ ମୁଦି ପାଇଲୁ କି ? ବିଲେଇ କହିଲା, ହଁ ! ଚାଲ ଆମେ ଏଠାରୁ ଶୀଘ୍ର ଖସି ପଳେଇବା।"

କୁକୁର କହିଲା, "ମୁଦି ମୋତେ ଦେ, ମୁଁ ତାକୁ ପାଟି ଭିତରେ ଲୁଚାଇ ରଖିବି।"

ବିଲେଇ ମନା କଲା, "ଏକଥା ଭଲ ହେବନି। ତୁ ନିଶ୍ୱାସ ନେଲା ବେଳକୁ ପାଟି ମେଲା କରିବୁ। ମୁଦି ଗଳି ପଡ଼ିବ। ମୁଁ ଏହାକୁ ତୋ ଲାଞ୍ଜ ଭିତରେ ରଖୁଛି।" ବିଲେଇ କୁକୁରର ଲାଞ୍ଜ ଭିତରେ ମୁଦିକୁ ଗଳେଇ ରଖିଲା। କୁକୁର ତାର ଲାଞ୍ଜକୁ ବଙ୍କା କରି ରଖିଲା। ସେହିଦିନଠାରୁ ସବୁ କୁକୁର ଉପରକୁ ଲାଞ୍ଜ ବଙ୍କା କରି ରଖି ଆସୁଛନ୍ତି।



ତାପରେ ବିଲେଇ ଓ କୁକୁର ମହାଖୁସିରେ ଧୁରୁଓ୍ୱା ରାଜା ଘରକୁ ଫେରିଲେ । ସେମାନେ ଯାଉଥିବା ବାଟରେ ଗୋଟିଏ ନଦୀ ପଡ଼ିଲା । କୁକୁର ପିଠି ଉପରେ ବିଲେଇ ବସିଲା । ତାପରେ କୁକୁର ପହଁରି ପହଁରି ନଦୀରେ ଯାଉଥିବା ବେଳେ, ଗୋଟିଏ ବଡ଼ ମାଛ କୁକୁରକୁ ଗିଳିଦେଲା । ବିଲେଇ ଡେଇଁପଡ଼ି ଖସି ପଳେଇଲା ।

ବିଲେଇ ତାର ବିଶ୍ୱାସୀ ବନ୍ଧୁ ଏବଂ ମୁଦି ଦୁଇଟିଯାକ ହରାଇ ମନ ଦୁଃଖରେ ଏକା ଏକା ଗଲା । ତାପରେ ସେ ଗୋଟିଏ ହାତୀ ଗୁହାଳରେ ପହଁଞ୍ଚିଲା ।

ଗୋଟିଏ ବଡ଼ ହାତୀ ଉପରକୁ ଡେଇଁ ପଡ଼ି ବିଲେଇ ତା ଗଳାକୁ କାମୁଡ଼ିଲା । ହାତୀ ବିଲେଇକୁ ଫୋପାଡ଼ି ପାରିଲା ନାହିଁ । ହାତୀ ବିଲେଇକୁ ସାହାଯ୍ୟ କରିବାପାଇଁ କହିବାରୁ ବିଲେଇ ହାତୀକୁ ଛାଡ଼ିଦେଲା । ବିଲେଇ ହାତୀକୁ ତାର ଦୁର୍ଦ୍ଦଶା ସଂପର୍କରେ କହିଲା । ହାତୀ ସାଙ୍ଗେ ସାଙ୍ଗେ ତାର ଅନ୍ୟ ସାଥୀମାନଙ୍କୁ ଡାକି ନଈରେ ଗୋଟିଏ ବନ୍ଧ ପକାଇଲା । ନଈରେ ବନ୍ଧ ପଡ଼ିବାରୁ ପାଣି ଅଟକିଗଲା । ସେମାନେ ସବୁ ମାଛ ଧରିଲେ । ହାତୀମାନେ ମାଛମାନଙ୍କୁ ଧରି ସେମାନଙ୍କ ପେଟ ଭିତରକୁ ଚାହିଁ କୁକୁର ଓ ମୁଦି ଖୋଜିଲେ । ଶେଷରେ କୁକୁରକୁ ଗିଳିଥିବା ମାଛଟିକୁ ଗୋଟିଏ ହାତୀ ଧରିଲା । ତା'ର ଅନ୍ତମୁଣା ଭିତରକୁ ଦେଖିଲା । ତା ପେଟ ଭିତରୁ ମୁଦିକୁ ଆଣିଲା । କୁକୁର ମଲା ଅବସ୍ଥାରେ ଥାଇ ସୁଦ୍ଧା ଧୁକ୍ ଧୁକ୍ ବାଜିଲା । ବିଲେଇ ବହୁ କଷ୍ଟ କରି କୁକୁରକୁ ବଞ୍ଚାଇଲା । ତାପରେ ଦୁଇଜଣ ଯାକ ପୁଣି ସେମାନଙ୍କର ଯାତ୍ରା ଆରମ୍ଭ କଲେ ।

ବିଲେଇ କହିଲା ସେ ମୁଦିକୁ ତା ପାଟି ଭିତରେ ନେବ । କିନ୍ତୁ କୁକୁର ମନା କଲା । ଶେଷରେ ବିଲେଇ ପୁଣି ମୁଦିକୁ କୁକୁରର ଲାଞ୍ଜ ଭିତରେ ରଖିଲା ଏବଂ ଦୁଇଜଣ ଯାକ ଶାନ୍ତିରେ ଗଲେ ।

ଧୁରୁଓ୍ୱାର ଘର ଆଉ ଆଠ ମାଇଲ୍ ଦୂର ଥାଏ । ଶାଗୁଣା ଆକାଶରୁ ଓହ୍ଲେଇ, କୁକୁରର ଲାଞ୍ଜକୁ ମୁଦି ସହିତ କାମୁଡ଼ି ନେଇ ଗିଳିଦେଲା । ଏଥର ବିଲେଇ, କୁକୁର ଦୁହେଁ ହତାଶ ହୋଇ ପଡ଼ିଲେ । ସେମାନେ ପୁଣି ଭାବିଲେ କେମିତି ମୁଦି ଫେରି ପାଇବେ । ଶେଷରେ କୁକୁର ଗୋଟିଏ ଉପାୟ ପାଞ୍ଚିଲା ।

ସେ ରାସ୍ତାକଡ଼ରେ ମଲାଙ୍କ ପରି ପଡ଼ି ରହିଲା । ବିଲେଇ କୁକୁର ପାଖରେ ଗୋଟିଏ ଗାତରେ ଲୁଚି ବସିଲା । ଶାଗୁଣା ଚକ୍କର କାଟି ଦେଖିଲା । ରାସ୍ତାକଡ଼ରେ କୁକୁର ମରି ପଡ଼ିଛି । ସେ ଧୀରେ ଧୀରେ ତଳକୁ ଓହ୍ଲେଇ କୁକୁର ପାଖରେ ବସିଲା । କୁକୁର ମଧ୍ୟ ଭୟ କରୁଥିଲା, କାଳେ ଶାଗୁଣା ତାକୁ ଚୋଟ ମାରିବ । ଥଣ୍ଟରେ ତା ପେଟକୁ ଫୁଟାଇ ଦେବ । ଭୟରେ ହଠାତ୍ କୁକୁର ଡେଇଁ ପଡ଼ି ପଳେଇଲା । ଠିକ୍ ସେତିକିବେଳେ ବିଲେଇ ହଠାତ୍ ଶାଗୁଣା ଉପରକୁ ଝାଂପ ମାରି ତା ମୁଣ୍ଡକୁ କାମୁଡ଼ି ଦେଲା । ତା ପେଟ ମୁଣାକୁ ଖେଳେଇ ମୁଦି ବାହାର କଲା ।

ଏଥର କୁକୁର ପୁଣି ଦାବି କରି କହିଲା, ମୁଦିଟି ତାକୁ ଦେବା ପାଇଁ । ଏଥର ବିଲେଇ କାରଣ ଦେଖାଇ ସ୍ପଷ୍ଟ ମନା କରିଦେଲା । ବିଲେଇ କହିଲା, "ତୁ କେମିତି ମୁଦି ନେବୁ । ତୋ ଲାଞ୍ଜ ତ କଟା ହୋଇଛି ।"

ତାପରେ ବିଲେଇ ମୁଦି ନେଇ ଖୁବ୍ ଶୀଘ୍ର ଦୌଡ଼ି ପଳେଇଲା । କୁକୁର ମଧ୍ୟ ତା ପଛେ ପଛେ ଗୋଡ଼େଇଲା ।

କିନ୍ତୁ କୁକୁର ବିଲେଇକୁ ଧରିବା ପୂର୍ବରୁ ବିଲେଇ ଧୁରୁଓ୍ୱା ଘର ଛାତ କଡ଼ି ଉପରକୁ ଉଠିଗଲା ।

ଭୂମିଆ ପୁରୋହିତ କୁକୁର ବିଲେଇକୁ ଆଗ୍ରହରେ ପଚାରିଲା, "ମୁଦି ଆଣିଛ ?"

କୁକୁର କହିଲା, "ହଁ । କିନ୍ତୁ ବିଲେଇ ପାଖରେ ଅଛି ।"

ଧୁରୁଓ୍ୱା ବିଲେଇକୁ ଡାକି କହିଲା, "ତଳକୁ ଆସି ମୋତେ ମୁଦି ଦେ ।"

ବିଲେଇ କହିଲା, "ମୁଁ କଡ଼ି ଉପରୁ ଓହ୍ଲେଇବିନି । କୁକୁର ମୋତେ କାମୁଡ଼ିବ ।"

ଧୁରୁଓ୍ୱା ରାଜା କୁକୁରକୁ ଗୋଟିଏ ଖୁଣ୍ଟରେ ବାନ୍ଧିଦେଲା । ଏବେ ବିଲେଇ ତଳକୁ ଓହ୍ଲେଇ ତାର ମାଲିକ ହାତରେ ମୁଦି ଦେଲା । ଧୁରୁଓ୍ୱା ଖୁସି ହୋଇ ରାଜକୁମାରୀ ଆଙ୍ଗୁଠିରେ ମୁଦି ପିନ୍ଧାଇ ଦେଲା ।

ବିଲେଇ ଏବଂ କୁକୁରକୁ ସେମାନଙ୍କର ଦୁଃସାହସିକ କାର୍ଯ୍ୟପାଇଁ ପୁରସ୍କାର ସ୍ୱରୂପ ପେଟ ପୁରା ଭାତ ଖାଇବାକୁ ଦେଲା । କୁକୁର ସବୁବେଳେ ଲାଞ୍ଜ ଖଣ୍ଡି ହୋଇ ରହିଲା ।

ପାଞ୍ଚବର୍ଷ ପରେ ଧୁରୁଓ୍ୱା ରାଜା ଉଇ ହୁଙ୍କା ପାଖରେ ଥିବା ଗାତ ପାଖରେ ପହଞ୍ଚିଲା । ସେହି ଗାତ ପାତାଳପୁରକୁ ଯାଇଥିଲା । ସେହି ଗାତରେ ମୁଦି ରଖିଦେଲା ଧୁରୁଓ୍ୱା । ସେହି ମୁଦି ଉପରେ ପାଞ୍ଚ ଟୋପା ଦୁଧ ଢାଳି ଦେଲା । ଦୁଧ ଝରରେ ମୁଦି ପାତାଳପୁରକୁ ଚାଲିଗଲା । ବୁଢ଼ା ନାଗ ପାଖରେ ମୁଦି ପହଞ୍ଚିଗଲା । ସେହିଦିନଠାରୁ ଭୂମିଆମାନେ ଉଇ ହୁଙ୍କା ଗାତରେ କ୍ଷୀର ଢାଳନ୍ତି । ଏହି କ୍ଷୀର ଢାଳିବା ଉତ୍ସବ ପ୍ରତି ପାଞ୍ଚ ବର୍ଷ କିମ୍ବା ଦଶବର୍ଷ ପରେ ଥରେ ହୁଏ ।

ଗପ ଏବେ ଶେଷ ହେଲା । ଗାଳ୍ପିକ ଜଣେ ମିଛୁଆ । ଶ୍ରୋତା ଜଣେ ବୋକା ।



# ମଣିଷ ଚାଷକାମ କେମିତି ଆରମ୍ଭ କଲା


ଭଗବାନ ଥରେ ନାଙ୍ଗା ବୈଗା ଓ ନାଙ୍ଗା ବୈଗିନୀଙ୍କୁ ପଚାରିଲେ, "ତୁମେ କେମିତି ଚଳିବ ? କି କାମ କରିବ ?" ନାଙ୍ଗା ବୈଗା କହିଲା, "ମୁଁ ଗଛ କାଟି ଚଳିବି ।"

ତାପରେ ସେ ଜଙ୍ଗଲକୁ ଗଲା, ଗୋଟିଏ ଦିନରେ ଏକା ଏକା ହଜାରେ ଶାଳ ଗଛ କାଟିଦେଲା । ଗଛଗୁଡ଼ିକ କାଟି ସାରି ତାର ଡାଳଗୁଡ଼ିକ କାଟି ପଦା ଜାଗାରେ ଖେଳେଇ ଦେଲା । ତାପରେ ସେ ହାଲିଆ ହୋଇ ଘରକୁ ଫେରି ଆସିଲା, ସାତ ଦିନ ପର୍ଯ୍ୟନ୍ତ ଶୋଇ ରହିଲା । ସାତଦିନ ପରେ ଉଠି ପୁଣିଥରେ ଜଙ୍ଗଲକୁ ଗଲା । ପଦାରେ ପକାଇଥିବା ଗଛଡାଳ ସବୁ ଖରାରେ ଶୁଖି ଯାଇଥିଲା । ସେ ସେଥିରେ ନିଆଁ ଲଗାଇ ସବୁ ପାଉଁଶ କରିଦେଲା । ତାପରେ ଆକାଶରେ ମେଘ ଉଠାଇଲା । ସାତଦିନ ଧରି ବର୍ଷା ହେଲା ।

ବର୍ଷା ଛାଡ଼ିଗଲା ପରେ ଭଗବାନ ନାଙ୍ଗା ବୈଗାକୁ କିଛି କୋଡୋ, କୁଟକି ମଞ୍ଜି ଦେଇ ସେହି ପାଉଁଶ ଉପରେ ବୁଣି ଦେବା ପାଇଁ କହିଲେ । ନାଙ୍ଗା ବୈଗା ସେହିପରି କଲା । ତାପରେ ଭଗବାନ ତାକୁ କହିଲେ, "ଏବେ ଘରକୁ ଯାଇ ଚାରି ମାସ ଯାଏ ଶୋଇପଡ଼ । ମୁଁ ଆଉ ସବୁ ଦାୟିତ୍ୱ ନେବି । ତୁ ଚାରିମାସ ପରେ ଆସି ଫସଲ ଅମଳ କରି ନେବୁ ।"

ସେହିଦିନ ଠାରୁ ଭୂମିଆମାନେ ଏଇ ଭାବରେ ଚାଷ କରି ଆସୁଛନ୍ତି ।

କିଛିଦିନ ପରେ ନାଙ୍ଗା ବୈଗିନୀର ଦୁଇଟି ପୁଅ ହେଲେ । ବଡ଼ପୁଅ ନାଙ୍ଗା ବୈଗା ଯେପରି ଚାଷ କରୁଥିଲା, ସେହିପରି କଲା । କିନ୍ତୁ ସାନ ପୁଅ ତା ନିଜ ଇଚ୍ଛାରେ ବୃତ୍ତି କଲା । ସେ ହଳ ଲଙ୍ଗଳ ତିଆରି କଲା । ସେଥିରେ ଦୁଇଟି ଗାଈ ଯୋଚି ଜମିକୁ ହଳ କଲା । ନାଙ୍ଗା ବୈଗା ତାକୁ ଗାଳି ଦେଇ କହିଲା, ତୁ କେମିତି ଲୁହାଫାଳରେ ଧରଣୀମାତାର ଛାତିକୁ ଚିରୁଛୁ । ମୁଁ ଯେମିତି କରୁଛି ସେହିପରି କର । ଜଙ୍ଗଲ ପୋଡ଼ି ପାଉଁଶ ଉପରେ ମଞ୍ଜି ବୁଣି ଦିଅ । ଭଗବାନ ଆମକୁ ଏଇ ପ୍ରକାରେ ଚାଷ ଶିଖାଇଛନ୍ତି । କିନ୍ତୁ ନାଙ୍ଗା ବୈଗାର ସାନ ପୁଅ ତା ବାପାର କଥା ମାନିଲା ନାହିଁ । ସେ ତା ନିଜ ଇଚ୍ଛାରେ ଚାଷ କାମ କରି ଗୋଟିଏ କୃଷକ ହେଲା । ଗୋଟିଏ ଗଣ୍ଡ କିମ୍ବା କିଶାନ ହେଲା ।



କିଛିଦିନ ପରେ ନାଙ୍ଗା ବୈଗିନୀର ଦୁଇଟି ଝିଅ ହେଲେ। ସେମାନେ ବଡ଼ ହେଲାପରେ ନାଙ୍ଗା ବୈଗାର ବଡ଼ ପୁଅ ତାର ବଡ଼ ଭଉଣୀକୁ ବିଭା ହେଲା। ନାଙ୍ଗା ବୈଗାର ସାନ ପୁଅ ତାର ସାନ ଭଉଣୀକୁ ବିଭା ହେଲା। ସେତେବେଳେ ବିଭା ହେବା ପାଇଁ ଆଉ କୌଣସି ଝିଅ ନଥିଲେ। ତାପରେ ସେମାନଙ୍କର ପିଲା ପିଲି ହେଲେ। ନାଙ୍ଗା ବୈଗାର ବଡ଼ ପୁଅ ଭୂମିଆ ମାନଙ୍କର ପୂର୍ବପୁରୁଷ। ସାନ ପୁଅ ଗଣ୍ଡମାନଙ୍କର ପୂର୍ବପୁରୁଷ ଓ ଅନ୍ୟଜାତିମାନଙ୍କର ପୂର୍ବପୁରୁଷ ମଧ୍ୟ।



ମଣିଷମାନେ ବଢ଼ିଲେ। ଅଧିକରୁ ଅଧିକ ଚାଷ ଜମି ହେଲା। ପୃଥିବୀ ମାତା ଭଗବାନଙ୍କ ପାଖରେ ଅଭିଯୋଗ କରି କହିଲେ, "ଭଗବାନ ଗଣ୍ଡମାନେ ମୋ ଛାତିକୁ ଚିରି, ମୋ ଶରୀରକୁ ଗଭୀର ଭାବେ କ୍ଷତ ବିକ୍ଷତ କରୁଛନ୍ତି। ମୋର ସମସ୍ତ ଶକ୍ତି କ୍ଷୟ କରୁଛନ୍ତି। ମୁଁ ହାଲିଆ ହୋଇ ପଡ଼ିଲିଣି। ଆଉ ଏତେ ଲୋକଙ୍କ ଭୋକକୁ ଦୂର କରିବାପାଇଁ ଶସ୍ୟ, ଫଳ, ପରିବା ଉତ୍ପାଦନ କରିପାରୁ ନାହିଁ। ମୁଁ ଏବେ କଣ କରିବି ପ୍ରଭୁ ?"

ଭଗବାନ କହିଲେ, "ଏହା ତୁମ ଶକ୍ତି ଭିତରେ ଅଛି। ଲୋକମାନଙ୍କ ଉପରକୁ ରୋଗ ଛାଡ଼ି, ସେମାନଙ୍କୁ ମାର। ତୁମର ଜୀବନ ଶକ୍ତି ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିବ।"

ପୃଥିବୀମାତା ସର୍ପମାନଙ୍କର ରାଜା ବୁଢ଼ାନାଗର ଚାକର ଓ ଦାସୀପାଖକୁ ଯାଇ କହିଲା, "ମୋତେ ଗୋଟିଏ ମଣିଷ ବଳି ଦିଅ। ମୋତେ ଭାରି ଭୋକ ହେଉଛି।"

ତେଣୁ ବୁଢ଼ାନାଗର ଚାକର ଭୂମିକଂପ ସୃଷ୍ଟି କଲା। ଚାରିଆଡ଼େ ସଂକ୍ରାମକ ରୋଗ ହୋଇ ବହୁତ ଲୋକ ମଲେ। ଏବେ ମଧ୍ୟ ସଂକ୍ରାମକ ରୋଗ ହୁଏ।

ତାପରେ ପୁଣି ପୃଥିବୀମାତା ହାଲିଆ ହୋଇ ପଡ଼ିବାରୁ ସେ ତାଙ୍କର ସାତ ଭଉଣୀ ମାଆଙ୍କୁ ସାଥିରେ ଧରି ପୃଥିବୀରେ ପ୍ଲେଗ୍, କଲେରା, ହାଡ଼ଫୁଟି ଆଦି ରୋଗ କଲେ। ସ୍ତ୍ରୀ, ପୁରୁଷ, ପିଲାମାନେ ସେହି ରୋଗରେ ଆକ୍ରାନ୍ତ ହେଲେ। ବହୁତ ଲୋକ ମଲେ। ମହାମାରୀ ରୋଗପାଇଁ କୌଣସି ପ୍ରତିଷେଧକ ନାହିଁ। ଏଥିର କାରଣ ହେଉଛନ୍ତି ଧରଣୀମାତା। ଏହି ମହାମାରୀ ରୋଗରୁ ରକ୍ଷା ପାଇବାପାଇଁ ଗୋଟିଏ ବାଟ ଅଛି। ତାହା ହେଉଛି, ଗ୍ରାମ୍ୟ ପୂଜକ ଠାକୁରାଣୀ ମାଆକୁ ଗାଁ ଛାଡ଼ି ଚାଲିଯିବା ପାଇଁ ବାଧ୍ୟ କରେ। ବଳି ଦେଇ ଗୋଟିଏ ସ୍ଥାନରୁ ପୂଜକ ଠାକୁରାଣୀ ମାଆକୁ ଅନ୍ୟ ସ୍ଥାନକୁ ଛାଡ଼ି ଦିଏ। ଜଙ୍ଗଲ ଭିତରକୁ ଗୋଟିଏ ଛେଳି ଛାଡ଼ି ଦେଇ ରୋଗକୁ ତଡ଼ି ଦିଆଯାଏ।



ମାଆ ଯେତେବେଳେ ଗାଆଁରେ ଥାଆନ୍ତି, ସେତେବେଳେ ମହାମାରୀରେ ବହୁତ ଲୋକ ମରନ୍ତି। ସେମାନଙ୍କୁ ଶ୍ମଶାନରେ ପୋଡ଼ାନଯାଇ ପୋତାଯାଏ। ଏସବୁ ପୃଥିବୀମାତାକୁ ଉର୍ବର କରେ। ଏହା ଏକପ୍ରକାର ବଳି। ବହୁ ବର୍ଷ ପର୍ଯ୍ୟନ୍ତ ପୃଥିବୀକୁ ଉର୍ବର ରଖେ। ଲୋକେ କହନ୍ତି, ଏବର୍ଷ ମହାମାରୀ ହୋଇଥିବାରୁ ଫସଲ ବହୁତ ଭଲ ହେଲା।

•

Indian Institute of Advanced Study
Acc. No. 158915
Date 21.10.17
Shimla

**I.I.A.S. LIBRARY**

Acc. No.

This book was issued from the library on the date last stamped. It is due back within one month of its date of issue, if not recalled earlier.




Library IIAS, Shimla
OR 398.270935413 M 687 J
148984